

"ତାମିଲନାଡୁରେ ରାଜ୍ୟପାଳ ଆଘୋଷିତ ଜରୁରୀ ପରିସ୍ଥିତି ଜାରି କରିଛନ୍ତି। ଫାସିବାଦୀ ଭାଜପାର ହାତକଣ୍ଢେଇ ସାଜିଥିବା ଏଆଇଏଡିଏମ୍‌କେ ପ୍ରେସ୍ ସ୍ୱାଧୀନତାକୁ କ୍ଷୁଣ୍ଣ କରୁଛି।
- ଏମ୍.କେ. ଷ୍ଟାଲିନ୍, ଡିଏମ୍‌କେ ଅଧ୍ୟକ୍ଷ

## ସଂକ୍ଷେପରେ

### ପାକ୍‌କୁ ୪୮ ଡ୍ରୋନ୍ ଯୋଗାଇବ ଚାଇନା



ବେଜିଂ,୯।୧୦(ପି.ଟି.):ଭାରତକୁ ଈର୍ଷାନ୍ୱିତ କରିବା ଲାଗି କୂଟନୈତିକ ଓ ଆର୍ଥିକ ସ୍ତରରେ ପାକିସ୍ତାନକୁ ସହଯୋଗ କରିଆସୁଛି ଚାଇନା। ସାମରିକ କ୍ଷେତ୍ରରେ ମଧ୍ୟ ଏହି ଦୁଇ ପଡ଼ୋଶୀ ରାଷ୍ଟ୍ର ସହଯୋଗର ହାତ ବଢ଼ାଉଛନ୍ତି। ରୁଷିଆଠାରୁ ଭାରତ ଦୂରଗାମୀ ଏସ୍-୪୦୦ କ୍ଷେପଣାସ୍ତ୍ର କ୍ରୟ ଲାଗି ଚୁକ୍ତି କରିସାରିବା ପରେ ଏହାକୁ ଟକ୍କର ଦେଇ ଚାଇନା ମଧ୍ୟ ନୂଆ ଘୋଷଣା କରିଛି। ଏବେ ପାକିସ୍ତାନକୁ ଏହା ୪୮ ଅତ୍ୟାଧୁନିକ ଡ୍ରୋନ୍ ବିକ୍ରି କରିବ। ଏନେଇ ଉଭୟ ରାଷ୍ଟ୍ର ମଧ୍ୟରେ ଏହା ଏକ ବଡ଼ ଚୁକ୍ତି ହେବ ବୋଲି ମଙ୍ଗଳବାର ଜଣେ ସାମରିକ ପର୍ଯ୍ୟବେକ୍ଷକ କହିଛନ୍ତି। ବେଜିଂର ସାନି ଘୋଷଣା ନୂଆଦିଲ୍ଲୀକୁ ଚେତାବନୀ ଦେବା ଭଳି ମନେହେଉଛି। ତେବେ ଏହି ଗୁରୁତ୍ୱପୂର୍ଣ୍ଣ ପ୍ରତିରକ୍ଷା ଚୁକ୍ତି ଲାଗି ପାକିସ୍ତାନକୁ କେତେ ମୂଲ୍ୟ ଦେବାକୁ ପଡ଼ିବ, ତାହା ପ୍ରଘଟ ହୋଇନାହିଁ। ଦୂରରୁ ଶତ୍ରୁକୁ ଠାବ କରିପାରୁଥିବା ଏହି ମାନବବିହୀନ ଡ୍ରୋନ୍‌ର ନାମ ହେଉଛି 'ୱିଙ୍ଗ୍ ଲୁଙ୍ଗ୍ ଆଇଆଇ'। ଆମେରିକୀୟ ଏମ୍‌କ୍ୟୁ-୯ ରିପର ଡ୍ରୋନ୍ ସଙ୍ଗେ ଏହାର କ୍ଷମତା ସମାନ। ଚାଇନା ସହ ପାକିସ୍ତାନ ମିଳିତ ଭାବେ ଏହି ବିଶେଷ ଶ୍ରେଣୀର ଡ୍ରୋନ୍ ନିର୍ମାଣ କରିବ ବୋଲି ଗ୍ଲୋବାଲ୍ ଟାଇମ୍ସ ରିପୋର୍ଟରେ ଦର୍ଶାଯାଇଛି। ଗତବର୍ଷ ୟୁଏଇ ଏବଂ ଇଜିପ୍ଟକୁ ଚାଇନା 'ୱିଙ୍ଗ୍ ଲୁଙ୍ଗ୍ ଆଇଆଇ' ବିକ୍ରି କରିଥିଲା। କେବଳ ଏହି ଡ୍ରୋନ୍ ନୁହେଁ ଅନ୍ୟାନ୍ୟ ଅସ୍ତ୍ରଶସ୍ତ୍ର ଯୋଗାଇବାରେ ଚାଇନା ହେଉଛି ପାକିସ୍ତାନର ପ୍ରମୁଖ ସହଯୋଗୀ ରାଷ୍ଟ୍ର।

### ଇସ୍ତଫା ଦେଲେ ନିକ୍କି



ୱାଶିଂଟନ,୯।୧୦(ଏ.ଏଫ୍.ପି.): ଜାତିସଂଘରେ ଆମେରିକାର ରାଷ୍ଟ୍ରଦୂତ ପଦରୁ ନିକ୍କି ହାଲି ମଙ୍ଗଳବାର ଅପ୍ରତ୍ୟାଶିତ ଭାବେ ଇସ୍ତଫା ଦେଇଛନ୍ତି। ନିକ୍କି ହ୍ୱାଇଟ୍ ହାଉସ୍‌ସ୍ଥିତ ଓଭାଲ୍ ଅଫିସ୍‌ରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କୁ ଭେଟି ତାଙ୍କର ଇସ୍ତଫାପତ୍ର ପ୍ରଦାନ କରିଛନ୍ତି। ୪୬ ବର୍ଷୀୟା ନିକ୍କି ଟ୍ରମ୍ପ୍ ପ୍ରଶାସନରେ ବରିଷ୍ଠତମ ଭାରତୀୟ-ଆମେରିକୀୟ ଅଧିକାରୀ ଭାବେ ଅବସ୍ଥାପିତ ହୋଇଥିଲେ। ୨୦୧୭ ଜାନୁୟାରୀରେ ଟ୍ରମ୍ପ୍ ରାଷ୍ଟ୍ରପତି ଭାବେ ଶପଥ ନେବାର ୪ ଦିନ ପରେ ନିକ୍କିଙ୍କୁ ଜାତିସଂଘ ରାଷ୍ଟ୍ରଦୂତ ରୂପେ ନିଯୁକ୍ତି ମିଳିଥିଲା। ଆମେରିକାର କ୍ୟାବିନେଟ୍ ସ୍ତରୀୟ ପଦବୀରେ ନିଯୁକ୍ତି ପାଇବାରେ ପ୍ରଥମ ଭାରତୀୟ ବଂଶୋଦ୍ଭବ ହୋଇ ଇତିହାସ ରଚିଥିଲେ ନିକ୍କି। ତାଙ୍କ ଇସ୍ତଫା ଦେବାର କାରଣ ସ୍ପଷ୍ଟ ହୋଇନାହିଁ। ନିକ୍କି ବର୍ଷ ଶେଷରେ କାର୍ଯ୍ୟରୁ ଅବ୍ୟାହତି ନେବେ ବୋଲି ଟ୍ରମ୍ପ୍ ତାଙ୍କୁ ପ୍ରଶଂସା କରି କହିଛନ୍ତି। ଆମେରିକାରେ ନଭେମ୍ବରରେ ମଧ୍ୟବର୍ତ୍ତିକାଳୀନ ନିର୍ବାଚନ ହେବାକୁ ଥିବାବେଳେ ନିକ୍କିଙ୍କ ଇସ୍ତଫା ସେଠାକାର ବହିର୍ବ୍ୟାପାର ନୀତି ଓ ଜାତୀୟ ନିରାପତ୍ତା ବିଶେଷଜ୍ଞଙ୍କୁ ବିସ୍ମିତ କରିଛି।

[ଇତିହାସର ଆଇନାରେ]

### ଅକ୍ଟୋବର ୧୦ର ପ୍ରମୁଖ ଘଟଣା

୧୯୬୪ ଅକ୍ଟୋବର ୧୦ରେ ଜାପାନର ଟୋକିଓରେ ଗ୍ରୀଷ୍ମକାଳୀନ ଅଲିମ୍ପିକ ଆୟୋଜିତ ହୋଇଥିଲା। ଏସିଆ ମହାଦେଶରେ ଏହା ହେଉଛି ପ୍ରଥମ ସମର୍ ଅଲିମ୍ପିକ। ଏଥିରେ ଦକ୍ଷିଣ ଆଫ୍ରିକାର ଖେଳାଳି ଭାଗନେବାର ସୁଯୋଗ ପାଇଥିଲେ।

୧୯୮୦ ଅକ୍ଟୋବର ୧୦ରେ ଉତ୍ତର ଆଲଜେରିଆରେ ବଡଧରଣର ଭୂକମ୍ପ ଅନୁଭୂତ ହୋଇଥିଲା। ରିକ୍ଟର ସ୍କେଲରେ ଏହାର ତୀବ୍ରତା ୭.୧ ରହିଥିଲା। ୩୫ ସେକେଣ୍ଡ ପାଇଁ ହୋଇଥିବା ଏହି ଭୂକମ୍ପର ପ୍ରଭାବରେ ୨,୬୩୩ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୮,୩୬୯ ଆହତ ହୋଇଥିଲେ। ଏହାର ୩ ଘଣ୍ଟା ପରେ ୬.୨ ତୀବ୍ରତାରେ ଆଉ ଏକ ଭୂକମ୍ପ ହୋଇଥିଲା।

## ■ ତେଜୁଛି '#ମି ଟୁ' ନିଆଁ: ଖୋଲୁଛି ନୂଆ ପେଡ଼ି

# କାଠଗଡ଼ାରେ କେନ୍ଦ୍ରମନ୍ତ୍ରୀ ଆକବର



ଏମ୍.ଜେ. ଆକବର



■ଯୌନ ଶୋଷଣ ଅଭିଯୋଗ ଆଣିଲେ ୨ ସାମ୍ବାଦିକା
■ମୁହଁ ଖୋଲିଲେନି ସୁଷମା ସ୍ୱରାଜ
■ଟଙ୍କା ନେଇ ଅଭିଯୋଗ ଆଣୁଛନ୍ତି ମହିଳା: ଉଦିତ୍ ରାଜ
■ପୀଡ଼ିତାଙ୍କ ନିକଟରେ ପହଞ୍ଚିବ ଏନ୍‌ସିଡବ୍ଲ୍ୟୁ
■ଭାଜପାର ମହିଳା ବିରୋଧୀ ମନୋଭାବ ପଦାରେ ପଡ଼ିଛି: କଂଗ୍ରେସ

ମୁମ୍ବାଇ/ନୂଆଦିଲ୍ଲୀ,୯।୧୦(ପି.ଟି.)

ଅନ୍ତର୍ଜାତୀୟ ସ୍ତରରେ ହଇଚଇ ସୃଷ୍ଟି କରିବା ପରେ ଏବେ ଭାରତରେ ଯୌନ ନିର୍ଯାତନା ବିରୋଧରେ ମୁହଁ ଖୋଲି ପୀଡ଼ିତା ଚଳାଇଛନ୍ତି '#ମି ଟୁ' ଅଭିଯାନ। କେବଳ ସିନେମା ଜଗତ ନୁହେଁ, ବିଭିନ୍ନ କ୍ଷେତ୍ରରେ ଲାଗିଛି ଏହି କଳାଛିଟା। ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠା ଅର୍ଜନ କରି ସୁଦ୍ଧା ଯୌନ ପିପାସୁ ପାଲଟିଥିବା ଅନେକ ବ୍ୟକ୍ତିବିଶେଷଙ୍କ ବିରୋଧରେ ସ୍ୱରତ୍ତୋଳନ ହେବା ପରେ ଏକପ୍ରକାର ନିଆଁ ଲାଗିଛି। ପ୍ରଶମିତ ହେବା ପରିବର୍ତ୍ତେ ମଙ୍ଗଳବାର ମଧ୍ୟ ଏହି ବହ୍ନି ଅଧିକ ତେଜିଛି। ସଦ୍ୟ ବ୍ୟଭିଚାରୀ ତାଲିକାରେ କେନ୍ଦ୍ରମନ୍ତ୍ରୀ ତଥା ପୂର୍ବତନ ସମ୍ପାଦକ ଏମ୍.ଜେ. ଆକବର ସାମିଲ ହୋଇଛନ୍ତି। ଅଭିଯୋଗ ପରେ ଆକବର ସ୍ୱତଃ ସନ୍ଦେହର କାଠଗଡ଼ାକୁ ଟାଣି ହୋଇଯାଇଛନ୍ତି। ଏହାକୁ ନେଇ କେନ୍ଦ୍ରର ନରେନ୍ଦ୍ର ମୋଦି ସରକାର ଅଡୁଆରେ ପଡ଼ିଯାଇଛନ୍ତି।

ବହିର୍ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଆକବରଙ୍କ ନାଁରେ ଯୌନ ନିର୍ଯାତନା ଅଭିଯୋଗ ଆସିବା ପରେ କେନ୍ଦ୍ର ସରକାର ବିଭିନ୍ନ ଆଡୁ ସମାଲୋଚିତ ହୋଇଛନ୍ତି। ଆକବର ବିଭିନ୍ନ ଗଣମାଧ୍ୟମ ସଂସ୍ଥାରେ ପୂର୍ବରୁ ସମ୍ପାଦନା ବିଭାଗରେ କାର୍ଯ୍ୟ କରିଛନ୍ତି। ଦୁଇ ସାମ୍ବାଦିକାଙ୍କୁ ସେ ଯୌନ ଶୋଷଣ କରିଥିବା ପ୍ରଘଟ ହୋଇଛି। ପୀଡ଼ିତାମାନେ ସୋସିଆଲ ମିଡିଆ ଜରିଆରେ ଏନେଇ ମୁହଁ ଖୋଲିଛନ୍ତି। ପ୍ରଥମେ ପ୍ରିୟା ରମଣୀ ଆକବରଙ୍କୁ ବ୍ୟଭିଚାରୀ ଦର୍ଶାଇଥିଲେ। ଦିନକ ପରେ ମନ୍ତ୍ରୀଙ୍କ ଆଉ ଜଣେ ପୂର୍ବତନ ସହକର୍ମୀ ଯୌନ ନିର୍ଯାତନା ଅଭିଯୋଗ ଆଣିଛନ୍ତି। ସେ ହେଉଛନ୍ତି ପ୍ରେରଣା ସିଂ ବିନ୍ଦ୍ରା। ଆକବରଙ୍କ ବିରୋଧରେ ଆସିଥିବା ଅଭିଯୋଗ ସମ୍ପର୍କରେ ମଙ୍ଗଳବାର ମହିଳା ଖବରଦାତାମାନେ ବହିର୍ବ୍ୟାପାର ମନ୍ତ୍ରୀ ସୁଷମା ସ୍ୱରାଜଙ୍କୁ ପ୍ରଶ୍ନବାଣରେ ଛନ୍ଦିଦେଇଛନ୍ତି। କିନ୍ତୁ ସେ ଜବାବ ନ ଦେଇ ନୀରବତା ଅବଲମ୍ବନ କଲେ ଏବଂ ପ୍ରଶ୍ନକୁ ଏଡ଼ାଇ ଚାଲିଗଲେ ବୋଲି ଏକ ଭିଡିଓ ଫୁଟେଜ୍‌ରେ ଦେଖିବାକୁ ମିଳିଛି।

ଏହି ଘଟଣାକୁ ନେଇ ଜାତୀୟ ରାଜନୀତି ଜୋର୍ ଧରିଛି। '#ମି ଟୁ' ଅଭିଯାନ ଦେଶରେ ଏକ ଖରାପ ପରମ୍ପରା ସୃଷ୍ଟି କରିଛି ବୋଲି ଭାଜପା ଏମ୍‌ପି ଉଦିତ୍ ରାଜ କହିଛନ୍ତି। ୧୦ ବର୍ଷ ପରେ କୌଣସି ବ୍ୟକ୍ତିଙ୍କ ବିରୋଧରେ ଯେଉଁ ବ୍ୟଭିଚାର ଅଭିଯୋଗ ଆସୁଛି, ତାହାର କି ପ୍ରମାଣ ଅଛି ବୋଲି ସେ ପ୍ରଶ୍ନ କରିଛନ୍ତି। ଟଙ୍କା ହଡ଼ପ ପାଇଁ ଅନେକ ମହିଳା ଏଭଳି ଅଭିଯୋଗ ଆଣନ୍ତି। ୨-୪ ଲକ୍ଷ ଟଙ୍କା ନେଇ ସେମାନେ ପାଟି ଚୁପ୍ କରିଦେବାର ଅନେକ ଦୃଷ୍ଟାନ୍ତ ରହିଛି ବୋଲି ସେ କହିଛନ୍ତି। ତେବେ ଉଦିତ୍ ରାଜଙ୍କ ମନ୍ତବ୍ୟକୁ ସମାଲୋଚନା କରିଛି କଂଗ୍ରେସ। ଏମ୍‌ପିଙ୍କ କଥାରୁ ଭାଜପାର ମହିଳା ବିରୋଧୀ ମନୋଭାବ ପଦାରେ ପଡ଼ିଯାଇଛି। ତେବେ କେନ୍ଦ୍ରମନ୍ତ୍ରୀ ଆକବରଙ୍କ ବିରୋଧରେ ଆସିଥିବା ଅଭିଯୋଗ ଅତି ସମ୍ବେଦନଶୀଳ। ଏହାର ତଦନ୍ତ ହେବା ଜରୁରୀ ବୋଲି କଂଗ୍ରେସ ନେତା ମନୀଷ୍ ତିୱାରୀ କହିଛନ୍ତି।

ଦେଶରେ '#ମି ଟୁ' ଅଭିଯାନ ଜୋର୍ ଧରିଥିବାରୁ ଜାତୀୟ ମହିଳା କମିଶନ (ଏନ୍‌ସିଡବ୍ଲ୍ୟୁ) ତତ୍ପରତା ପ୍ରଦର୍ଶନ କରିଛନ୍ତି। ସମସ୍ତ ଅଭିଯୋଗକାରିଣୀଙ୍କ ନିକଟରେ ପହଞ୍ଚି ସବିଶେଷ ତଥ୍ୟ ସଂଗ୍ରହ କରିବାକୁ କମିଶନ ପ୍ରକ୍ରିୟା ଆରମ୍ଭ କରିଦେଇଛନ୍ତି।

# 'ବାବୁଜୀ' ଆଲୋକ ନାଥଙ୍କ ନାଁରେ ବି ଅଭିଯୋଗ



ନୂଆଦିଲ୍ଲୀ,୯।୧୦(ପି.ଟି.)

ବିଶିଷ୍ଟ ଅଭିନେତା ନାନା ପାଟେକରଙ୍କ ବିରୋଧରେ ପୂର୍ବତନ ମିସ୍ ଇଣ୍ଡିଆ ତନୁଶ୍ରୀ ଦତ୍ତ ଯୌନ ବ୍ୟଭିଚାର ନେଇ ଆରୋପ ଲଗାଇବା ପରେ ଦେଶରେ '#ମି ଟୁ' ଅଭିଯାନ ଜୋର୍ ଧରିଛି। ବଲିଉଡ୍ ଜଗତର 'ବାବୁଜୀ' ଅର୍ଥାତ୍ ଆଦର୍ଶ ବାପା ଭାବେ ପରିଚିତ ଆଲୋକ ନାଥଙ୍କ ବିରୋଧରେ ମଧ୍ୟ ଆସିଛି ଯୌନ ନିର୍ଯାତନା ଅଭିଯୋଗ । ଏଥିପାଇଁ ସିନେମା ଜଗତ ଲଜ୍ଜିତ ହୋଇଛି। ଆଲୋକଙ୍କ ବିରୋଧରେ ମୁହଁ ଖୋଲିଛନ୍ତି ଲେଖିକା ତଥା ପ୍ରଯୋଜିକା ଭିଣ୍ଟା ନନ୍ଦ। ଟିଭି ଶୋ 'ତାରା'ର ଚର୍ଚ୍ଚିତ ଚେହେରା ଭିଣ୍ଟା ନନ୍ଦ ସୋମବାର ରାତିରେ ଫେସ୍‌ବୁକରେ ଏକ ବିବାଦୀୟ ପୋଷ୍ଟ କରିଛନ୍ତି। 'ସଂସ୍କାରୀ ବ୍ୟକ୍ତି' ଭାବେ ଜଣାଶୁଣା ଆଲୋକ ୧୯ ବର୍ଷ ପୂର୍ବେ ତାଙ୍କୁ ଏକାଧିକ ଥର ବଳାତ୍କାର କରିଥିବା ସେଥିରେ ସେ ଲେଖିଛନ୍ତି। ପ୍ରମୁଖ ଅଭିନେତା ନବନୀତ ଇଶାନଙ୍କୁ ଦୁର୍ବ୍ୟବହାର କରିବାରୁ ଆଲୋକଙ୍କୁ 'ତାରା' ଶୋ'ରୁ ବାହାର କରିଦିଆଯାଇଥିଲା। ଏହାପରେ ବରିଷ୍ଠ ଅଭିନେତା ତାଙ୍କୁ ଯୌନ ନିର୍ଯାତନା ଦେଇଥିଲେ ବୋଲି ନନ୍ଦ ପ୍ରକାଶ କରିଛନ୍ତି। ନିଶାନ୍ ମଧ୍ୟ ତାଙ୍କୁ ସମର୍ଥନ ଜଣାଇଛନ୍ତି। ଆଲୋକଙ୍କୁ କାରଣଦର୍ଶାଅ ନୋଟିସ ଜାରି ହେବ ବୋଲି ସିନେମା ଓ ଟିଭି କଳାକାର ସଂଘ ପକ୍ଷରୁ ସୂଚନା ମିଳିଛି। ତେବେ ଅଭିଯୋଗକୁ ଖଣ୍ଡନ କରିଛନ୍ତି ଆଲୋକ। ମାଲୟାଲମ୍ ଅଭିନେତାରୁ ବିଧାୟକ ସାଜିଥିବା ମୁକେଶଙ୍କ ବିରୋଧରେ ମଧ୍ୟ ଆସିଛି ଯୌନ ନିର୍ଯାତନା ଅଭିଯୋଗ। ବରୁଣ ଗ୍ରୋଭର, ରଜତ କପୁର, ବିକାଶ ବହଲଙ୍କ ବିରୋଧରେ ମଧ୍ୟ ସମାନ ଅଭିଯୋଗ ଆସିଛି। ସେପଟେ ମହାରାଷ୍ଟ୍ର ମହିଳା କମିଶନ ଅଭିଯୁକ୍ତ ଅଭିନେତା ନାନା ପାଟେକରଙ୍କୁ ନୋଟିସ ଜାରି କରିବା ସହ ତନୁଶ୍ରୀଙ୍କୁ ସମନ କରିଛି।

# 'ନକ୍ଖିରାନ୍' ସମ୍ପାଦକ ଗିରଫ

ମାଡ୍ରାସ,୯।୧୦

ତାମିଲ ସାପ୍ତାହିକ 'ନକ୍ଖିରାନ୍' ସମ୍ପାଦକ ଆର୍.ଆର୍. ଗୋପାଳଙ୍କୁ ମଙ୍ଗଳବାର ଗିରଫ କରାଯାଇଛି। ମଦୁରାଇ କାମରାଜ ବିଶ୍ୱବିଦ୍ୟାଳୟର ଏକ ସେକ୍ସ ସ୍କାଣ୍ଡାଲରେ ତାମିଲନାଡୁ ରାଜ୍ୟପାଳ ବନଓ୍ୱାରିଲାଲ ପୁରୋହିତଙ୍କ ସମ୍ପୃକ୍ତି ନେଇ ଅପମାନଜନକ ପ୍ରବନ୍ଧ ଲେଖିଥିବାରୁ ଗୋପାଳଙ୍କୁ ଧରାଯାଇଥିବା ଚେନ୍ନାଇ ପୋଲିସ କହିଛି। ଏହି ଗିରଫଦାରିକୁ ବିରୋଧୀ ଦଳଗୁଡ଼ିକ ନିନ୍ଦା କରିଛନ୍ତି।

ବରିଷ୍ଠ ସାମ୍ବାଦିକ ଆର୍.ଆର୍. ଗୋପାଳ ମଙ୍ଗଳବାର ସକାଳେ ଏକ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ପୁଣେ ଯାଉଥିଲେ। ସେ ଚେନ୍ନାଇ ବିମାନବନ୍ଦରରେ ପହଞ୍ଚିଥିବାବେଳେ ପୋଲିସ ତାଙ୍କୁ ଗିରଫ କରିଥିଲା। ରାଜଭବନର ଅଭିଯୋଗକ୍ରମେ



ଆର୍.ଆର୍. ଗୋପାଳ

**ରାଜ୍ୟପାଳଙ୍କ ବିରୋଧରେ ଲେଖିଥିଲେ ଅପମାନଜନକ ରିପୋର୍ଟ**

**ପୋଲିସ ଅନୁରୋଧକୁ କୋର୍ଟଙ୍କ ପ୍ରତ୍ୟାଖ୍ୟାନ, ମୁକ୍ତ ହେଲେ ଗୋପାଳ**



ବନଓ୍ୱାରିଲାଲ ପୁରୋହିତ

ଆଇପିସି ଦଫା ୧୨୪ ଅନୁସାରେ ତାଙ୍କୁ ଗିରଫ କରାଯାଇଥିବା ପୋଲିସ କହିଛି। ଗୋପଳଙ୍କ ଗିରଫଦାରି ପ୍ରତିବାଦରେ ସାମ୍ବାଦିକମାନେ ବିକ୍ଷୋଭ ପ୍ରଦର୍ଶନ କରି ତାଙ୍କୁ ତୁରନ୍ତ ମୁକ୍ତ କରାଯାଉ ବୋଲି ଦାବି କରିଛନ୍ତି। ସେହିପରି ଗୋପାଳଙ୍କୁ ଭେଟିବା ପାଇଁ ଯାଉଥିବାବେଳେ ଏମ୍‌ଡିଏମ୍‌କେ ନେତା ଭାଇକୋଙ୍କୁ ପୋଲିସ ଅଟକ ରଖି ପରେ ଛାଡ଼ିଦେଇଛି। ପିଏମ୍‌କେ ପ୍ରତିଷ୍ଠାତା ଏସ୍. ରାମଦୋସ୍ ଏବଂ ଏମ୍‌ଏନ୍‌ଏମ୍ ମହାସଚିବ କମଲ ହାସନ ମଧ୍ୟ ଗୋପଳଙ୍କ ଗିରଫଦାରିକୁ ନିନ୍ଦା କରିଛନ୍ତି। ପୋଲିସ ଗୋପାଳଙ୍କୁ ଏକ ସ୍ଥାନୀୟ କୋର୍ଟରେ ହାଜର କରି ବିଚାର ବିଭାଗୀୟ ହାଜତକୁ ପଠାଇବାକୁ ଅନୁରୋଧ କରିଥିଲା। ହେଲେ କୋର୍ଟ ଏହାକୁ ପ୍ରତ୍ୟାଖ୍ୟାନ କରି ସନ୍ଧ୍ୟା ସୁଦ୍ଧା ତାଙ୍କୁ ମୁକ୍ତ କରିବାକୁ ପୋଲିସକୁ ନିର୍ଦ୍ଦେଶ ଦେଇଥିଲେ। ଏପ୍ରିଲରେ ପ୍ରକାଶିତ ଏକ ଲେଖାକୁ ନେଇ ଗୋପାଳଙ୍କୁ କାହିଁକି ଗିରଫ କରାଯାଇଛି ବୋଲି ବିଚାରପତି ପ୍ରଶ୍ନ କରିଥିଲେ। ଅଦାଲତଙ୍କ ନିର୍ଦ୍ଦେଶ ପରେ ଗୋପାଳ ମୁକ୍ତ ହୋଇଛନ୍ତି। କିନ୍ତୁ ତାଙ୍କ ବିରୋଧରେ ମାନହାନି ମାମଲା ଚାଲିବ। କୋର୍ଟଙ୍କ ରାୟ ରାଜଭବନକୁ ଏକ ଚାପୁଡା ଏବଂ ଏହା ସତ୍ୟର ଜୟ ବୋଲି ଗୋପାଳ କହିଛନ୍ତି।

ପ୍ରକାଶ ଯେ, ମଦୁରାଇ କାମରାଜ ବିଶ୍ୱବିଦ୍ୟାଳୟ ଅଧୀନ ଏକ ଘରୋଇ କଲେଜରେ ସହକାରୀ ପ୍ରାଧ୍ୟାପିକା ଭାବେ କାର୍ଯ୍ୟ କରୁଥିବା ନିର୍ମଳା ଦେବୀ ଗତ ଏପ୍ରିଲରେ ଗିରଫ ହୋଇଥିଲେ। ଟଙ୍କା ଓ ପରୀକ୍ଷାରେ ଅଧିକ ନମ୍ବର ପାଇବାକୁ ହେଲେ ଉଚ୍ଚ ପଦାଧିକାରୀଙ୍କୁ ସନ୍ତୁଷ୍ଟ କରିବାକୁ ପଡ଼ିବ ବୋଲି ଛାତ୍ରୀମାନଙ୍କୁ ସେ ପ୍ରବର୍ତ୍ତାଉଥିବା ଏକ ଅଡିଓ ଟେପ୍‌ରେ ଶୁଣିବାକୁ ମିଳିଥିଲା। ଉକ୍ତ ବିଶ୍ୱବିଦ୍ୟାଳୟର କୁଳାଧିପତି ଥିବା ରାଜ୍ୟପାଳ ପୁରୋହିତଙ୍କୁ ବ୍ୟକ୍ତିଗତ ଭାବେ ଜାଣିଥିବା ମହିଳା ପ୍ରଫେସର ଦାବି କରିଥିଲେ ବୋଲି ରାଜନୈତିକ ଦଳଗୁଡ଼ିକ ଅଭିଯୋଗ ଆଣିଥିଲେ। ଏଥିସହ ରାଜ୍ୟପାଳଙ୍କ ଇସ୍ତଫା ଦାବି କରିଥିଲେ। ଗୋପାଳଙ୍କ ପତ୍ରିକା 'ନକ୍ଖିରାନ୍'ର ପ୍ରଚ୍ଛଦ କାହାଣୀରେ ସେତେବେଳେ ଏନେଇ ଏକ ଲେଖା ପ୍ରକାଶ ପାଇଥିଲା। ନିର୍ମଳା ଦେବୀ ରାଜ୍ୟପାଳଙ୍କୁ ୪ ଥର ଭେଟିଥିବା ଏଥିରେ ଉଲ୍ଲେଖ କରାଯାଇଥିଲା। ଅନ୍ୟପକ୍ଷରେ ରାଜ୍ୟପାଳ ଏଭଳି ଅଭିଯୋଗକୁ ଖଣ୍ଡନ କରିବା ସହ ସମ୍ପୃକ୍ତ ମହିଳାଙ୍କୁ ଜାଣି ନ ଥିବା କହିଥିଲେ। ଏହାସହ ଅବସରପ୍ରାପ୍ତ ଆଇଏଏସ୍ ଅଧିକାରୀ ଏସ୍. ସନ୍ତନାମ୍‌ଙ୍କୁ ଏହାର ତଦନ୍ତ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ।

## ଫୁର୍‌ସତ

# ବିରଳ ପକ୍ଷୀ ଉଦ୍ଧାର



**ପୁଣେ:** ଡାଇରେକ୍ଟୋରେଟ୍ ଅଫ୍ ରେଭିନ୍ୟୁ ଇଣ୍ଟେଲିଜେନ୍ସିଜ୍ ପୁଣେ (ଡିଆର୍‌ଆଇପି) ୟୁନିଟ୍ ୧୯ଟି ବିରଳ ପକ୍ଷୀ ଜବତ କରିଛି। ଏଗୁଡିକ ଚୋରା ଚାଲାଣ ମାଧ୍ୟମରେ ବିକ୍ରି ପାଇଁ ଦେଶକୁ ଆସୁଥିଲା। ଆଫ୍ରିକୀୟ ଏବଂ ଦକ୍ଷିଣ ଆମେରିକୀୟ ଏହି ପକ୍ଷୀଗୁଡିକୁ ଡୋମିନିକ୍ ସେକ୍ୱିରା ଅଞ୍ଚଳରୁ ଜବତ କରାଯାଇଛି। ଡ୍ରିପ୍ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ପୁଣେ କଷ୍ଟମ୍ସ କମିଶନରେଟ୍ ଅଫିସରଙ୍କ ସହାୟତାରେ ଏଗୁଡିକୁ ସୋମବାର ଜବତ କରାଯାଇଥିଲା। ଏହି ବିଦେଶୀ ପକ୍ଷୀଗୁଡିକ ୧୫ ପ୍ରଜାତିର ଏବଂ ଏଗୁଡିକର ମୂଲ୍ୟ ଖୁବ୍ ଅଧିକ। ବନ୍ୟପ୍ରାଣୀ ଚୋରାଚାଲାଣ ରୋକିବା ଦିଗରେ ଡ୍ରିପ୍ କାର୍ଯ୍ୟ କରିଆସୁଛି। ବିଦେଶର ବହୁ ଦୁର୍ଲଭ ପଶୁ ଏବଂ ପକ୍ଷୀ ଭାରତକୁ ଚୋରାଚାଲାଣ ହେଉଥିବା ବିଷୟ ଉପରେ ଡ୍ରିପ୍ ତୀକ୍ଷ୍ଣ ନଜର ରଖିଛି। ଜବତ ହୋଇଥିବା ପକ୍ଷୀଗୁଡିକୁ ପୁଣେସ୍ଥିତ ରାଜୀବ ଗାନ୍ଧୀ ଜୁଲୋଜିକାଲ୍ ପାର୍କକୁ ହସ୍ତାନ୍ତର କରାଯାଇଛି।

# ଜଳବାୟୁ ପରିବର୍ତ୍ତନର ମୁକାବିଲା ଜରୁରୀ



**ଜାତିସଂଘ:** ବିଶ୍ୱ ତାପନକୁ ୧.୫ ଡିଗ୍ରୀ ମଧ୍ୟରେ ସୀମିତ ରଖିବା ପାଇଁ ଜଳବାୟୁ ସମ୍ପର୍କିତ ଆନ୍ତଃ ସରକାରୀ କମିଟି (ଆଇପିସିସି) ଏକ ରିପୋର୍ଟ ପ୍ରକାଶ କରିବା ପରେ ଜାତିସଂଘର ସେକ୍ରେଟାରି ଜେନେରାଲ୍ ଆଣ୍ଟୋନିଓ ଗୁଟେରେସ୍ ଏ ସଂକ୍ରାନ୍ତରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଆହ୍ୱାନ ଦେଇଛନ୍ତି। ପ୍ୟାରିସ ଚୁକ୍ତି ଅନୁଯାୟୀ, ବିଶ୍ୱ ତାପନର ମାତ୍ରା ୨ଡିଗ୍ରୀ ସେଲ୍‌ସିୟସ୍ ବୃଦ୍ଧି ପର୍ଯ୍ୟନ୍ତ ଅପେକ୍ଷା ନ କରି ଏହି ମାତ୍ରା ଯେପରି ୧.୫ ଡିଗ୍ରୀ ମଧ୍ୟରେ ସୀମିତ ରହେ ସେଥିପ୍ରତି ଧ୍ୟାନଦେବାକୁ ହେବ। ଏହାଦ୍ୱାରା ପ୍ରାକୃତିକ ପରିବେଶର ଭାରସାମ୍ୟ ବଜାୟ ରହିବା ସହିତ ଜନସାଧାରଣ ଉପକୃତ ହୋଇପାରିବେ ବୋଲି ଆଇପିସିସି ରିପୋର୍ଟ କରିଛି। ଏଥିରେ କୁହାଯାଇଛି, ଜଳବାୟୁର ଦ୍ରୁତ ପରିବର୍ତ୍ତନ ଘଟୁଛି। ତେବେ ଏହାର ମୁକାବିଲା ଦିଗରେ ଆମେ ପଛେଇଯାଇଛୁ ବୋଲି ଗୁଟେରେସ୍ ଏକ ବିବୃତିରେ ସୋମବାର ପ୍ରକାଶ କରିଛନ୍ତି। ବିଶ୍ୱ ତାପନର ମାତ୍ରା ୧.୫ଡିଗ୍ରୀରୁ ୨ ଡିଗ୍ରୀ ମଧ୍ୟରେ ରହିଲେ ପରିବେଶ କିପରି ପ୍ରଭାବିତ ହେବ ସେ ସମ୍ପର୍କିତ ବିସ୍ତୃତ ଚିତ୍ର ବୈଜ୍ଞାନିକମାନେ ଉପସ୍ଥାପନ କରିଛନ୍ତି। ବିଶ୍ୱ ତାପନରେ .୫ ଡିଗ୍ରୀର ତାରତମ୍ୟ ବିଶ୍ୱରେ ଅନେକ ପରିବର୍ତ୍ତନ ସୃଷ୍ଟିକରିବ। ବିଶ୍ୱର ତାପମାତ୍ରା ୨ଡିଗ୍ରୀ ସେଲ୍‌ସିୟସ ବୃଦ୍ଧିପାଇଲେ ଅନେକ ପ୍ରଜାତିଙ୍କର ଅବକ୍ଷୟ ଘଟିବ। କେତେକ ଅଞ୍ଚଳରେ ବନ୍ୟା ଓ ଆଉ କେତେକ ଅଞ୍ଚଳରେ ମରୁଡି ସୃଷ୍ଟିହୋଇ ଲକ୍ଷ ଲକ୍ଷ ଲୋକଙ୍କ ପ୍ରାଣହାନି ଘଟିବ। ବିଶ୍ୱରେ ଅନେକ ଅଞ୍ଚଳରେ ଅସ୍ଥିରତା ସୃଷ୍ଟିହେବ। ୨୦୩୦ ସୁଦ୍ଧା ବିକିରଣ ପ୍ରଭାବ ଅଧାଭାଗକୁ ହ୍ରାସ କରିବା ପାଇଁ ଜରୁରୀ କାର୍ଯ୍ୟାନ୍ୱୟନ ଆବଶ୍ୟକ। ଏହାଦ୍ୱାରା ୨୦୫୦ ସୁଦ୍ଧା ବିଷାକ୍ତ ଗ୍ୟାସ ନିର୍ଗମନକୁ ସମ୍ପୂର୍ଣ୍ଣ ଦୂର କରାଯାଇପାରିବ ବୋଲି ଗୁଟେରେସ୍ ପ୍ରକାଶ କରିଛନ୍ତି।



ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ**–ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର କେତେକ ଜିଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି।

**ସ୍ଥାନୀୟ ଅଞ୍ଚଳ**– ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ଆଂଶିକ ମେଘାଚ୍ଛନ୍ନ ରହିବା ସହ ବର୍ଷା ହୋଇପାରେ। ବୁଧବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୨ ଡିଗ୍ରୀ ଏବଂ ସର୍ବନିମ୍ନ ୨୫ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ମଙ୍ଗଳବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୧.୮ | ୨୨.୪ |
| ଚାନ୍ଦବାଲି | ୩୨.୨ | ୨୪.୯ |
| କଟକ | ୩୧.୮ | ୨୩.୦ |
| ପାରାଦ୍ୱୀପ | ୩୩.୨ | ୨୫.୬ |
| ଭୁବନେଶ୍ୱର | ୩୩.୦ | ୨୩.୪ |
| ଗୋପାଳପୁର | ୩୫.୦ | ୨୩.୯ |
| ପୁରୀ | ୩୩.୦ | ୨୫.୨ |
| ଅନୁଗୋଳ | ୩୨.୭ | ୧୯.୦ |
| ବାରିପଦା | ୩୪.୦ | ୨୨.୫ |
| ଝାରସୁଗୁଡ଼ା | ୩୪.୮ | ୨୧.୦ |
| କେନ୍ଦୁଝର | ୩୧.୭ | ୧୯.୦ |
| ସମ୍ବଲପୁର | ୩୪.୯ | ୨୨.୦ |
| ସୁନ୍ଦରଗଡ଼ | ୨୯.୦ | --- |
| ହୀରାକୁଦ | ୩୫.୩ | ୨୨.୬ |
| ତାଳଚେର | ୩୫.୨ | ୨୧.୫ |
| ଭବାନୀପାଟଣା | ୩୧.୨ | ୨୦.୦ |
| ବଲାଙ୍ଗୀର | ୩୪.୫ | ୨୨.୫ |
| କୋରାପୁଟ | ୨୮.୨ | ୧୬.୦ |
| ଫୁଲବାଣୀ | --- | --- |
| ଟିଟିଲାଗଡ଼ | ୩୪.୦ | ୨୦.୦ |
| ମାଲକାନଗିରି | ୩୨.୫ | --- |
| ସୋନପୁର | ୩୫.୨ | ୨୨.୮ |
| ଦାରିଙ୍ଗିବାଡ଼ି | ୨୭.୭ | ୧୭.୦ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

# ତନୁଶ୍ରୀଙ୍କୁ ସମର୍ଥନ ଜଣାଇଲେ ସୋହା



**ମୁମ୍ବାଇ:** ଅଭିନେତ୍ରୀ ସୋହା ଅଲି ଖାନ୍ ତନୁଶ୍ରୀଙ୍କୁ ସମର୍ଥନ କରିବାକୁ ଆଗେଇ ଆସିଛନ୍ତି। ତାଙ୍କ କହିବାନୁଯାୟୀ, ଭାରତ ଭଳି ଦେଶରେ ନାରୀର ଜୀବନଯାପନ ଖୁବ୍ କଷ୍ଟକର। 'ନୋ ଫିଲ୍‌ଟର ନେହା ସିଜିନ୍ ୩' ପକ୍ଷରୁ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସୋହା ଏହା ପ୍ରକାଶ କରିଛନ୍ତି। ତାଙ୍କ ସହ ଉପସ୍ଥିତ ଥିଲେ ନେହା ଧୁପିଆ, ସୋଫି ଚୌଧୁରୀ, ଅଙ୍ଗଦ ବେଦୀ ଏବଂ ଗୌରବ କପୁର। ୨୦୦୮ରେ ଏକ ଫିଲ୍ମସେଟ୍‌ରେ ନାନା ପାଟେକର ଯୌନ ଉତ୍ପୀଡନ ଦେଇଥିବା ସମ୍ପର୍କରେ ତନୁଶ୍ରୀ ମୁହଁ ଖୋଲିବାପରେ ଭାରତରେ ବର୍ତ୍ତମାନ '#ମି ଟୁ' ଆନ୍ଦୋଳନ ଜୋରଦାର ହୋଇଛି। ଏ ସମ୍ପର୍କରେ ସୋହା କହନ୍ତି, ମହିଳାମାନେ ଏ ସମ୍ପର୍କରେ ସାହସର ସହିତ ପାଟି ଖୋଲିବା ଖୁସିର ବିଷୟ। ଅନେକ ମହିଳା ଦୈନିକ ଯୌନ ଉତ୍ପୀଡନର ଶିକାର ହେଉଛନ୍ତି। ଭାରତ ଭଳି ଦେଶରେ ମହିଳାମାନେ ନିରାପଦରେ ଜୀବନଯାପନ କରିବା ଖୁବ୍ କଷ୍ଟକର। ଏଥିପାଇଁ ମହିଳାମାନେ ସାହସ ବାନ୍ଧି ନିଜ ସମସ୍ୟାର ମୁକାବିଲା କରନ୍ତୁ। ସେମାନଙ୍କୁ ସମର୍ଥନ ଓ ଉତ୍ସାହିତ କରାଯିବା ଆବଶ୍ୟକ ବୋଲି ସେ ପ୍ରକାଶ କରିଛନ୍ତି।

**ଧରିତ୍ରୀର ବିଭିନ୍ନ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର**

ଭୁବନେଶ୍ୱର–(Code.0674) 2580101(Advt.), 2549302(News), Fax No. 2549795.Dharitri, ନୂଆଦିଲ୍ଲୀ–(011)23329821, 23329822, ନୂଆଦିଲ୍ଲୀ ପ୍ରତିନିଧି–09999032822, କଟକ ଅଫିସ–(0671)2321004, 2322004, ସମ୍ବଲପୁର–(0663) 2405816, ଢେଙ୍କାନାଳ ଅଫିସ–(06762)224254, ଫୁଲବାଣୀ ଅଫିସ–(06842)253116, 9438367053, ବଲାଙ୍ଗୀର ଅଫିସ–(06652)234333, ବରଗଡ ଅଫିସ–(06646)234789, ଅନୁଗୋଳ–(06764)237556, (ତାଳଚେର–(06760)241177, ରାଉରକେଲା ଅଫିସ–(0661)2643242, ସୁନ୍ଦରଗଡ଼–9437346088, ଯାଜପୁର ଅଫିସ–8895242449, ପାରାଦୀପ–(06722)221081, ବାଲେଶ୍ୱର ଅଫିସ–(06782)240604, ବାରିପଦା ଅଫିସ–9437018073, ଭବାନୀପାଟଣା–9437153870, ରାୟଗଡା ଅଫିସ–(06856)225625, 9437090496, କୋରାପୁଟ ଅଫିସ–06852252599, ଜୟପୁର–9437182105, ନବରଙ୍ଗପୁର–9437119068, ସୋନପୁର–9438739383, ଯାଜପୁର ରୋଡ଼–(06726)265030, ଖୋର୍ଦ୍ଧା ଅଫିସ–(06755)223444, ପୁରୀ ଅଫିସ–(06752)221922, ଆସ୍କା–(06822)273440, 272144, କେନ୍ଦୁଝର–9437197395, ଜଗତ୍‌ସିଂହପୁର ଅଫିସ–(06724)224030, 8763968203, ନୟାଗଡଅଫିସ–(06753)252710, ଭଦ୍ରକଅଫିସ–(06784)242101, ନୂଆପଡ଼ାଅଫିସ–(06678)223068, ଝାରସୁଗୁଡ଼ାଅଫିସ–(06645)272799, ଦେବଗଡ–9437121562, କେନ୍ଦ୍ରାପଡ଼ାଅଫିସ–06727233825, ପାରଳାଖେମୁଣ୍ଡି–9437140002.

## ସଂକ୍ଷେପରେ

### ୪୯ ଅଭିଯୋଗ ଶୁଣିଲେ ଜିଲାପାଳ

କୋଟପାଡ଼,୯।୧୦(ଡି.ଏନ୍.ଏ.)

କୋଟପାଡ଼ ବ୍ଲକ କାର୍ଯ୍ୟାଳୟସ୍ଥିତ ରାଜୀବ ଗାନ୍ଧୀ ସଦ୍‌ଭାବନା ଗୃହରେ ମଙ୍ଗଳବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଛି। ଏଥିରେ ୪୯ଟି ଅଭିଯୋଗର ଶୁଣାଣି କରାଯାଇଛି। ବିଡିଓ ଗୋକୁଳାନନ୍ଦ ଭଞ୍ଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ପ୍ରକୋଷ୍ଠରେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ, ଜୟପୁର ଉପଜିଲାପାଳ ଲୋକନାଥ ଦଳବେହେରା, ଏସ୍‌ପି କନଓ୍ୱର ବିଶାଳ ସିଂ, ସ୍ଥାନୀୟ ବିଧାୟକ ଚନ୍ଦ୍ରଶେଖର ମାଝି, ଅଧ୍ୟକ୍ଷ ରୌଦ୍ରନାଥ ପୂଜାରୀ, ବୋରିଗୁମ୍ମା ଏସ୍‌ଡିପିଓ ହରେକୃଷ୍ଣ ମାଝି, ସିଡିଏମ୍‌ଓ ଲକ୍ଷ୍ମୀଧର ରଥ, ଡିଏଫ୍‌ଓ ଅଶୋକ ରଥ, ପୂର୍ତ୍ତ ବିଭାଗ ଏ.ଇ. ସୁକାନ୍ତ ବେହେରା, ଜାତୀୟ ରାଜପଥ ବିଭାଗ ଏଇ ରଶ୍ମିରଞ୍ଜନ ପଣ୍ଡା, ଶ୍ରମବିଭାଗ ଅଧିକାରୀ ପ୍ରସନ୍ନ କୁମାର ପାଣିଗ୍ରାହୀ, ସିଏସ୍‌ଓ ତୁଳାରାମ ନାୟକ ଉପସ୍ଥିତ ଥିଲେ। ବ୍ରେନ ଟ୍ୟୁମରରେ ଆକ୍ରାନ୍ତ ଗିର୍ଲା ପଞ୍ଚାୟତ ଚିତାଗାଁର ଲଛମନ ରନ୍ଧାରୀ ଅର୍ଥ ଅଭାବରୁ ନିଜର ଚିକିତ୍ସା କରାଇପାରୁ ନ ଥିଲେ। ତାଙ୍କୁ ବିଧାୟକ ଓ ଜିଲାପାଳ ରେଡ୍‌କ୍ରସ ପାଣ୍ଠିରୁ ୫ ହଜାର ଟଙ୍କାର ଚେକ୍ ଦେଇଥିଲେ।

### ରାଶନ କାର୍ଡ ବଣ୍ଟନ



ରାଇଘର,୯।୧୦(ଡି.ଏନ.ଏ)-ରାଇଘର ବ୍ଲକରେ ରାଜ୍ୟ ସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନାରେ ରାଶନ କାର୍ଡ ବଣ୍ଟନ କରାଯାଇଛି। ବିଧାୟକ ସୁବାସ ଗଣ୍ଡ, ଅଧ୍ୟକ୍ଷା ବିନୋ ଗଣ୍ଡ, ବିଡିଓ ଦେବୀପ୍ରସାଦ ଟାଲି, ଏମପି ପ୍ରତିନିଧି ଚିତ୍ତରଞ୍ଜନ ଗଣ୍ଡ, ଜିଲା ପରିଷଦ ସଭ୍ୟ ଦେଓକୁମାରୀ ଗଣ୍ଡ, ପୁନିତା ଗଣ୍ଡ, ସୁଦର୍ଶନ ମାଝି, ପ୍ରୀତିସ୍ନିଗ୍‌ଧା ମହାପାତ୍ର, ଖାଦ୍ୟ ଯୋଗାଣ ଅଧିକାରୀ ଦିପକ କୁମାର ପାତ୍ର, ଅତିରିକ୍ତ ଜିଲା ଯୋଗାଣ ଅଧିକାରୀ ଲକ୍ଷ୍ମଣ ରାଓ, ଉପାଧ୍ୟକ୍ଷ ବିଶ୍ୱନାଥ ସିଲ, ସରପଞ୍ଚ ସନରାଜ ଗଣ୍ଡ, ସାତ ମାଝି, ଫୁଲସିଂ ଗଣ୍ଡ, ସମିତି ସଭ୍ୟ ରାମନାଥ କେଉଟ, ଦୟା ଗଣ୍ଡ ପ୍ରମୁଖ ଉପସ୍ଥିତ ଥିଲେ । ପ୍ରଥମ ପର୍ଯ୍ୟାୟରେ ୨୬୯୨ଜଣ ଆବେଦନ କରିଥିଲେ। ସେଥିମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ୧୭୩୬ ଜଣଙ୍କୁ ଚୟନ କରାଯାଇଛି ବୋଲି ଯୋଗାଣ ଅଧିକାରୀ ସୂଚନା ଦେଇଥିଲେ। ଅନ୍ୟମାନେ ଆଗାମୀ ପର୍ଯ୍ୟାୟରେ ରାଶନ କାର୍ଡ ପାଇବେ ବୋଲି କହିଥିଲେ।

# କାଗଜକଳ ଖୋଲିବା ଦାବିରେ ଶୋଭାଯାତ୍ରା

ଜୟପୁର,୯।୧୦(ଡି.ଏନ୍.ଏ.)

ଜୟପୁରରେ ଜିଲା ଭାରତୀୟ ମଜୁଦୁର ସଂଘ (ବିଏମଏସ) ପକ୍ଷରୁ ମଙ୍ଗଳବାର ଏକ ଶୋଭାଯାତ୍ରା ସ୍ଥାନୀୟ ସୂର୍ଯ୍ୟମହଲରୁ ବାହାରି ସହର ପରିକ୍ରମା କରିଛି। ସ୍ଥାନୀୟ ଗାଗନାପରୁ କାଗଜକଳକୁ ତୁରନ୍ତ କାର୍ଯ୍ୟକ୍ଷମ କରିବା, କର୍ମଚାରୀଙ୍କ ଦରମା ସମେତ ଅନ୍ୟ ଅର୍ଥ ପ୍ରଦାନ, କାଗଜକଳରେ ପ୍ରବେଶ ଅନୁମତି, ଶ୍ରମ ଆଇନ ଅନୁଯାୟୀ କର୍ମଚାରୀଙ୍କ ସମସ୍ତ ସୁବିଧା ପ୍ରଦାନ ଦାବିରେ ଶୋଭାଯାତ୍ରା କରି ଉପ ଶ୍ରମ କମିଶନରଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ଦିଆଯାଇଛି। ବିଏମଏସ ସମର୍ଥିତ ବିଲ୍ଟ ସଂଘର ସଦସ୍ୟ, ଅଙ୍ଗନୱାଡି କର୍ମୀ, ଆଶାକର୍ମୀ ଓ ଅନ୍ୟ ଶ୍ରମିକ ସଂଘର ସଦସ୍ୟ ଏଥିରେ ସାମିଲ ହୋଇଥିଲେ । ବିଏମଏସର ଜିଲା ସଭାପତି ଭୀମା ରାଓଙ୍କ ନେତୃତ୍ୱରେ ଏହି ଶୋଭାଯାତ୍ରାରେ ସର୍ବଭାରତୀୟ ପେପର ମହାସଂଘ ସଭାପତି ସୁଧାଂଶୁ ପାଢୀ, ରାଜ୍ୟ ଉପସଭାପତି ପ୍ରହ୍ଲାଦ ନାୟକ, ଅଙ୍ଗନୱାଡି ସଂଘ ରାଜ୍ୟ ଉପସଭାପତି ସ୍ୱର୍ଣ୍ଣଲତା ପଣ୍ଡା, ଜିଲା ସଭାନେତ୍ରୀ ସଂଯୁକ୍ତା ସାହୁ, ଜିଲା ଆଶାକର୍ମୀ ସଭାନେତ୍ରୀ କମଳା ବେହେରା, ବିଲ୍ଟ କାଗଜକଳ ବିଏମଏସ ସମର୍ଥିତ ସଂଘର ବିଦ୍ୟାଧର ଜେନାମଣି, ବାଳକୃଷ୍ଣ ପ୍ରଧାନ, ଅମନ ଉଜ୍ଜୟିନୀ ନାୟକ ଉପସ୍ଥିତ ଥିଲେ ।



ବିଏମ୍‌ଏସ୍‌ର ସଦସ୍ୟମାନେ ଶୋଭାଯାତ୍ରାରେ ଯାଉଛନ୍ତି ।

# ୪୯ ଅଭିଯୋଗ ଶୁଣିଲେ ଜିଲାପାଳ

କୋଟପାଡ଼,୯।୧୦(ଡି.ଏନ୍.ଏ.)

କୋଟପାଡ଼ ବ୍ଲକ କାର୍ଯ୍ୟାଳୟସ୍ଥିତ ରାଜୀବ ଗାନ୍ଧୀ ସଦ୍‌ଭାବନା ଗୃହରେ ମଙ୍ଗଳବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଛି। ଏଥିରେ ୪୯ଟି ଅଭିଯୋଗର ଶୁଣାଣି କରାଯାଇଛି। ବିଡିଓ ଗୋକୁଳାନନ୍ଦ ଭଞ୍ଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ପ୍ରକୋଷ୍ଠରେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ, ଜୟପୁର ଉପଜିଲାପାଳ ଲୋକନାଥ ଦଳବେହେରା, ଏସ୍‌ପି କନୱର ବିଶାଳ ସିଂ, ସ୍ଥାନୀୟ ବିଧାୟକ ଚନ୍ଦ୍ରଶେଖର ମାଝି, ଅଧ୍ୟକ୍ଷ ରୌଦ୍ରନାଥ ପୂଜାରୀ, ବୋରିଗୁମ୍ମା ଏସ୍‌ଡିପିଓ ହରେକୃଷ୍ଣ ମାଝି, ସିଡିଏମ୍‌ଓ ଲକ୍ଷ୍ମୀଧର ରଥ, ଡିଏଫ୍‌ଓ ଅଶୋକ ରଥ, ପୂର୍ତ୍ତ ବିଭାଗ ଏ.ଇ. ସୁକାନ୍ତ ବେହେରା, ଜାତୀୟ ରାଜପଥ ବିଭାଗ ଏଇ ରଶ୍ମିରଞ୍ଜନ ପଣ୍ଡା, ଶ୍ରମବିଭାଗ ଅଧିକାରୀ ପ୍ରସନ୍ନ କୁମାର ପାଣିଗ୍ରାହୀ, ସିଏସ୍‌ଓ ତୁଳାରାମ ନାୟକ ଉପସ୍ଥିତ ଥିଲେ। ବ୍ରେନ ଟ୍ୟୁମରରେ ଆକ୍ରାନ୍ତ ଗିର୍ଲା ପଞ୍ଚାୟତ ଚିତାଗାଁର ଲଛମନ ରନ୍ଧାରୀ ଅର୍ଥ ଅଭାବରୁ ନିଜର ଚିକିତ୍ସା କରାଇପାରୁ ନ ଥିଲେ। ତାଙ୍କୁ ବିଧାୟକ ଓ ଜିଲାପାଳ ରେଡ୍‌କ୍ରସ ପାଣ୍ଠିରୁ ୫ ହଜାର ଟଙ୍କାର ଚେକ୍ ଦେଇଥିଲେ।



ଜଣେ ମହିଳାଙ୍କୁ ସହାୟତା ରାଶିର ଚେକ୍ ପ୍ରଦାନ କରାଯାଉଛି ।

## ଦୁର୍ନୀତିର ତଦନ୍ତ ପାଇଁ ଦାବିପତ୍ର

ତେନ୍ତୁଲିଖୁଣ୍ଟି,୯।୧୦(ଡି.ଏନ.ଏ)

ତେନ୍ତୁଲିଖୁଣ୍ଟି ବ୍ଲକର ବିଭିନ୍ନ ପଞ୍ଚାୟତରେ ଉନ୍ନୟନ କାର୍ଯ୍ୟରେ ଦୁର୍ନୀତି, ନିଶ୍ଚିତ କର୍ମ ଯୋଜନାରେ ବିଜୁ ପକ୍କା ଘର, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ହିତାଧିକାରୀଙ୍କୁ ଶ୍ରମ ଦିବସର ଅର୍ଥ ମିଳୁ ନ ଥିବା , ଆବଶ୍ୟକ ସ୍ଥାନରେ ଉନ୍ନୟନମୂଳକ କାର୍ଯ୍ୟ ହେଉ ନ ଥିବା ଭାଜପା ପକ୍ଷରୁ ଅଭିଯୋଗ କରାଯାଇଛି। ଏହାର ତଦନ୍ତ ପାଇଁ ବିଡିଓଙ୍କୁ ମଙ୍ଗଳବାର ଦାବିପତ୍ର ପ୍ରଦାନ କରିଛନ୍ତି। ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆ ନ ଗଲେ ଦଳ ରାଜରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛନ୍ତି। ସନ୍ତୋଷ ପାତ୍ର, ପର୍ଶୁରାମ ବିଶୋଇ, ପୂର୍ଣ୍ଣଚନ୍ଦ୍ର ବିଶୋଇ, ରାଜେନ୍ଦ୍ର ମହାପାତ୍ର, ଶିବ ପ୍ରସାଦ ମହାପାତ୍ର, ସତ୍ୟ ହରିଜନ, ଭାଗିରଥି ବିଶୋଇ ପ୍ରମୁଖ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

# ଚୋରା ଚାଲାଣ: ୧୭ ଟନ୍ ଧାନ ଜବତ

ମାଥିଲି, ୯।୧୦ (ଡି.ଏନ.ଏ.)

ମାଥିଲି ବ୍ଲକ ଅନ୍ତର୍ଗତ କତାମେଟାଠାରେ ଛତିଶଗଡକୁ ଧାନ ଚୋରା ଚାଲାଣବେଳେ ମଙ୍ଗଳବାର ଏକ ଟ୍ରକକୁ ଜବତ କରାଯାଇଛି। ତହସିଲଦାର ମଘବାନ ବାଗଙ୍କ ନେତୃତ୍ୱରେ ଏକ ଟିମ୍ ଘଟଣା ସ୍ଥଳରେ ପହଞ୍ଚି ଧାନ ସହ ଟ୍ରକକୁ ଜବତ କରିଥିଲେ। କତାମେଟା ଅଞ୍ଚଳର ବ୍ୟବସାୟୀ ସପନ ଶାହା ଓରଫ କୋବିର ତତ୍ତ୍ୱାବଧାନରେ ସୋମବାର ୧୭ ଟନ ଚୋରା ଧାନ ବୋଝେଇ ଏକ ଟ୍ରକ (ସିଜି ୧୮ ଟି ୧୩୫୭) କତାମେଟାରୁ ଛତିଶଗଡକୁ ଚାଲାଣ ହେଉଥିଲା। ତେବେ କତାମେଟା ଟ୍ରକ ୟୁନିୟନର ସଦସ୍ୟମାନେ ଏହା ଜାଣିପାରି ଟ୍ରକକୁ ଅଟକାଇଥିଲେ। ସଂପୃକ୍ତ ଟ୍ରକ ଡ୍ରାଇଭରଙ୍କୁ କାଗଜପତ୍ର ମାଗିବାରୁ ନ ଥିବା କହିଥିଲେ । ପରେ ସେ ଘଟଣା ସ୍ଥଳରୁ ଚମ୍ପଟ ମାରିଥିଲେ । ଟ୍ରକକୁ ମା' ମାଉଁଳି ମନ୍ଦିର ନିକଟରେ ଅଟକ ରଖାଯାଇଥିଲା । ଖବରପାଇ ତହସିଲଦାର ବାଗଙ୍କ ଏକ ଟିମ୍ ପହଞ୍ଚି ଚଢାଉ କରିଥିଲେ । ଟ୍ରକରୁ ୧୭ ଟନ ଧାନ ଜବତ କରାଯାଇଛି । ଜବତ ଟ୍ରକଟି ଛତିଶଗଡ ରାଜ୍ୟର ଦାନ୍ତେୱାଡା ଅଞ୍ଚଳର ମନ୍ତୁକୁମାର ତିୱାରୀଙ୍କର ବୋଲି ଜଣାପଡିଛି ।

# ପଲିଥିନ ତଳେ ବିତୁଛି ବୃଦ୍ଧଙ୍କ ଜୀବନ

## ବୟସ ୯୦, ୫ଶହ ପରିବର୍ତ୍ତେ ମିଳୁଛି ୩ଶହ ଟଙ୍କା ଭତ୍ତା

ନବରଙ୍ଗପୁର,୯।୧୦(ବି.ପ୍ର.)



ରହିବାକୁ ଘର ଖଣ୍ଡେ ନାହିଁ। ନିଜର ବୋଲି ସାହା ଭରସା ମଧ୍ୟ କେହି ନାହାନ୍ତି। ସ୍ତ୍ରୀ,୩ ଝିଅ ଓ ପୁଅର ମୃତ୍ୟୁ ପରେ ନାତି ସହ ଫଟା ପଲିଥିନ ତଳେ ବିତୁଛି ୯୦ ବର୍ଷର ବୃଦ୍ଧ ଘାସି ସାନ୍ତାଙ୍କ ଜୀବନ। ସରକାରୀ ଯୋଜନାରେ ଘର ଖଣ୍ଡେ ମଧ୍ୟ ମିଳୁନି। ସରକାରୀ ସହାୟତା ଭାବେ କେବଳ ମିଳୁଛି ୫ କିଲୋ ଚାଉଳ ଓ ୩ ଶହ ଟଙ୍କା। ୯୦ ବର୍ଷରେ ପହଞ୍ଚିଥିଲେ ମଧ୍ୟ ୫ ଶହ ଟଙ୍କା ଭତ୍ତା ମଧ୍ୟ ମିଳୁ ନାହିଁ। ନବରଙ୍ଗପୁର ପୌରାଞ୍ଚଳର ଭାଟିଶାଳଗୁଡା ରେଲିସାହି ଠାରେ ରୁହନ୍ତି ଘାସି ସାନ୍ତା । ତାଙ୍କର ୩ ଝିଅ, ଗୋଟିଏ ପୁଅ । ଝିଅ ସାଜ ସାନ୍ତା, ରଇଲା ସାନ୍ତା, ଇନ୍ଦ୍ରା ସାନ୍ତା ଓ ପୁଅ ଅନ୍ତ ସାନ୍ତାଙ୍କ ବିୟୋଗ ହୋଇ ଯାଇଛି । ଅଷାଢ ମାସରେ ସ୍ତ୍ରୀ ଗୋରୀ ମଣିଙ୍କ ମୃତ୍ୟୁ ଘଟିଲା । ନିଜର ବୋଲି ପରିବାରରେ କେହି ନାହାନ୍ତି। କେବଳ ଜଣେ ନାତି ରହିଛି। ସେ ବାହାରେ ମୂଲ ଲାଗି ନିଜ ପରିବାର ସହ ଜେଜେବାପାଙ୍କୁ ମୁଠାଏ ଖାଇବାକୁ ଦେଉଛନ୍ତି । ଭୂମିହୀନ ଘାସିଙ୍କ ଘରଘଣ୍ଡେ ନାହିଁ । ସେ ରତନା ସାନ୍ତାଙ୍କ ବାଡିରେ ଦୀର୍ଘ ବର୍ଷ ହେବ ପଲିଥିନ ଟାଙ୍ଗି ରହି ଆସୁଛନ୍ତି । ରହୁଥିବା ସ୍ଥାନର ଚାରିପାଖ ଘାସ ଓ ଇଟା ଖଣ୍ଡ ପଡି ରହିଛି। ପଲିଥିନ ତଳେ ଜଣେ ବସି ପାରିବା ଏବଂ ଠିଆ ହେବା ମଧ୍ୟ ଅସମ୍ଭବ। ପଲିଥିନ ତଳେ ଘୁଷୁରି ଘୁଷୁରି ବସି ବସି ସେ ଯାଉଛନ୍ତି। ରତନାଙ୍କ କହିବା ଅନୁଯାୟୀ ସରକାର ଘାସିଙ୍କୁ ଘର ଦିଅନ୍ତି ସେ ତାଙ୍କ ଜମିରେ ଘର ତିଆରି କରିବାକୁ ଦେବେ ବୋଲି କହିଛନ୍ତି । ୮୦ ବର୍ଷ ପରେ ସରକାର ଯେଉଁ ବର୍ଦ୍ଧିତ ୫ଶହ ଟଙ୍କା ଭତ୍ତା ଦେଉଛନ୍ତି ତାହା ଘାସିଙ୍କୁ ଦିଆଗଲେ ସହାୟକ ହୋଇ ପାରନ୍ତା ବୋଲି ସ୍ଥାନୀୟ ଲୋକ କହିଛନ୍ତି। ଏନେଇ ପୌର ପ୍ରଶାସନ ପକ୍ଷରୁ ଦୃଷ୍ଟି ଦେବାକୁ ଦାବୀ ହେଉଛି।

# ସେମିଳିଗୁଡ଼ାରେ ଖାଉଟି କାର୍ଡ଼ ପାଇଲେ ହିତାଧିକାରୀ

ସେମିଳିଗୁଡ଼ା,୯।୧୦(ସ୍ୱ.ପ୍ର.)

ସେମିଳିଗୁଡ଼ା ବ୍ଲକରେ ରାଜ୍ୟର ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନାରେ ଖାଉଟି କାର୍ଡ଼ ବଣ୍ଟନ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ବ୍ଲକର ୯୦ ଜଣ ହିତାଧିକାରୀଙ୍କୁ ରାଜ୍ୟସଭା ସଦସ୍ୟ ତଥା ଅବିଭକ୍ତ କୋରାପୁଟ ଜିଲା ପର୍ଯ୍ୟବେକ୍ଷକ ସୌମ୍ୟରଞ୍ଜନ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଖାଉଟି କାର୍ଡ଼ ବଣ୍ଟନ କରିଥିଲେ। ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଦେବେନ କୁମାର ପ୍ରଧାନ ସଭା ପରିଚାଳନା କରିଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ରାଜ୍ୟ ଖଦି ଓ ଗ୍ରାମୋଦ୍ୟୋଗ ବୋର୍ଡ଼ ଅଧ୍ୟକ୍ଷ ତେଜେଶ୍ୱର ପରିଡ଼ା, ରାଜ୍ୟ ଯୋଜନା ବୋର୍ଡ଼ ସଦସ୍ୟ ତଥା ଜିଲା ବିଜେଡି ସଭାପତି ଈଶ୍ୱର ପାଣିଗ୍ରାହୀ, ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ପଟ୍ଟାଙ୍ଗି ବିଧାୟକ ପ୍ରଫୁଲ୍ଲ କୁମାର ପାଙ୍ଗି, କୋରାପୁଟ ଏମ୍‌ପି ଝିନ୍ନ ହିକ୍‌କା, ପୂର୍ବତନ ବିଧାୟକ ରଘୁରାମ ପଡ଼ାଲ, ସୁନାବେଡ଼ା ପୌର ପରିଷଦ ଅଧ୍ୟକ୍ଷ ଶୁଭଶ୍ରୀ ମଲ୍ଲିକ, କିଡ୍ ଚେୟାରମ୍ୟାନ ରାଜୁ ପାଙ୍ଗି, ସେମିଳିଗୁଡ଼ା ବ୍ଲକ ଅଧ୍ୟକ୍ଷ ଦିନେଶ ଖରା, ଉପାଧ୍ୟକ୍ଷା ବାସନ୍ତୀ ଛେଦନାୟକ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜେଡିପି ୧ ଶ୍ୟାମ ହନ୍ତାଳ, ୨ ଜୋନ୍‌ର ସସ୍ମିତା ହନ୍ତାଳ, ସାମାଜିକ କର୍ମୀ ମୀନତୀ ବାଘ, ଜିଲା ଯୁବ ବିଜେଡି ସଭାପତି ଅମିତ ଅଗ୍ରୱାଲ, ଯୋଗାଣ ବିଭାଗ ନିରୀକ୍ଷକ ଗାୟତ୍ରୀ ପଟ୍ଟନାୟକ ଉପସ୍ଥିତ ଥିଲେ।

## ଗୋପବନ୍ଧୁ ଜୟନ୍ତୀ ପାଳିତ

ଜୟପୁର, ୯।୧୦(ନି.ପ୍ର.)

ଜୟପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ଜୁନିୟର ରେଡକ୍ରସ ପକ୍ଷରୁ ଗୋପବନ୍ଧୁ ଦାସଙ୍କ ଜୟନ୍ତି ପାଳିତ ହୋଇଛି। ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ପଟ୍ଟନାୟକଙ୍କ ସଭାପତିତ୍ୱରେ ଓମ୍ ପ୍ରକାଶ ମିଶ୍ର, ପ୍ରସାଦ ରଥ ଓ ଯଜ୍ଞେଶ୍ୱର ପଣ୍ଡା ଅତିଥିଭାବେ ଯୋଗ ଦେଇ ଗୋପବନ୍ଧୁଙ୍କ ସମାଜ ସେବା, ସ୍ୱାଧିନତା ପାଇଁ ଅବଦାନ ଏବଂ ସାହିତ୍ୟ କୃତି ଉପରେ ଆଲୋକପାତ କରିଥିଲେ। ରେଡକ୍ରସ ପରାମର୍ଶଦାତା ସୁଜିତ ନାୟକ ଓ ଶୁଭସ୍ମିତା ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବିଧାୟକଙ୍କ ନାଁରେ ମାନହାନି ମାମଲା ପାଇଁ ଚେତାବନୀ

ଜୟପୁର,୯।୧୦(ଡି.ଏନ୍.ଏ.)

ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତିଙ୍କ ବିରୋଧରେ ମାନହାନି ମକଦ୍ଦମା କରିବା ପାଇଁ ୟୁନାଇଟେଡ ଠିକାଦାର ସଂଘ ସଭାପତି ପତ୍ର କରିଛନ୍ତି। ସଂଘ ସଭାପତି କାଳୀ ପ୍ରସାଦ ମିଶ୍ର ବିଧାୟକଙ୍କୁ ଏହା ଅବଗତ କରାଇଛନ୍ତି। ଗତ ମାର୍ଚ୍ଚ ୧୪ରେ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ଚିଠି ନମ୍ବର ୩୨୪ ମାଧ୍ୟମରେ ଠିକାଦାର ସଂଘର ସଭାପତି ମିଶ୍ର ଜଣେ ଅପରାଧିକ ବ୍ୟକ୍ତି, ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ଟେଣ୍ଡର କାର୍ଯ୍ୟକୁ ଫିକ୍ସିଂ କରିବା ଉଦ୍ଦେଶ୍ୟରେ ସମସ୍ତ ଠିକାଦାରଙ୍କୁ ଜଣା କରୁଥିବା ଅଭିଯୋଗ ହୋଇଥିଲା। ମିଶ୍ରଙ୍କୁ ମାର୍ଚ୍ଚ ୨୨ରେ ବିନା ୱାରେଣ୍ଟରେ ଗିରଫ କରାଯିବା ସହ କୋର୍ଟ ଚାଲାଣ କରାଯାଇଥିଲା। ୨୬ ତାରିଖ ପର୍ଯ୍ୟନ୍ତ ସେ ଜେଲରେ ରହିଥିଲେ । କୌଣସି ଅପରାଧିକ କାର୍ଯ୍ୟରେ ସଂଶ୍ଳିଷ୍ଟ ନଥିଲେ ସୁଦ୍ଧା ତାଙ୍କୁ ବିଧାୟକ ଚିଠି ଲେଖି ଗିରଫ କରାଇଛନ୍ତି । ଫଳରେ ତାଙ୍କର ମାନହାନି ଘଟିଛି। ବିଧାୟକ ତାଙ୍କ ବିରୋଧରେ କୌଣସି ଥାନାରେ ଯଦି ମାମଲା ରହିଛି, ସେନେଇ ବିବରଣୀ ଦିଅନ୍ତୁ ଅନ୍ୟଥା ତାଙ୍କ ବିରୋଧରେ ଆଇନର ଆଶ୍ରୟ ନିଆଯାଇ ମାନହାନି ମାମଲା ରୁଜୁ କରିବେ ବୋଲି ଚେତାବନୀ ଦେଇଛନ୍ତି।




## ୧୧ରେ ଜୟପୁରରେ କୃଷକ ସମାବେଶ

ଜୟପୁର, ୯।୧୦(ନି.ପ୍ର.)

ଆସନ୍ତା ୧୧ ତାରିଖରେ ଜୟପୁରରେ ଏକ ବିଶାଳ କୃଷକ ସମାବେଶ କରାଯିବା ନେଇ ସ୍ଥିର ହୋଇଛି। ଜୟପୁର ଲକ୍ଷ୍ମୀ ପଣ୍ଡାଙ୍କ ପ୍ରତିମୂର୍ତ୍ତିଠାରୁ ଚାଷୀ ଶୋଭାଯାତ୍ରା ବାହାରି ଉପଜିଲାପାଳ କାର୍ଯ୍ୟାଳୟରେ ପହଞ୍ଚିବା ପରେ ସେଠାରେ ଏକ ସାଧାରଣ ସଭା କରାଯିବ। ପରେ ଉପଜିଲାପାଳଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଚାଷୀମାନେ ସେମାନଙ୍କ ବିଭିନ୍ନ ଦାବି ସମ୍ବଳିତ ଏକ ସ୍ମାରକପତ୍ର ପ୍ରଦାନ କରିବେ ବୋଲି ନବ ନିର୍ମାଣ କୃଷକ ସଙ୍ଗଠନ ଓ କୃଷକ କଲ୍ୟାଣ ମଞ୍ଚ ପକ୍ଷରୁ ସୂଚନା ଦିଆଯାଇଛି। ଏଥିରେ ବହୁ ସଂଖ୍ୟାରେ ଚାଷି ଯୋଗ ଦେବାକୁ ଆହ୍ୱାନ ଦିଆଯାଇଛି। ଧାନ କୁଇଣ୍ଟାଲ ପିଛା ୫ ହଜାର, ଜଳ ସେଚନ ଓ ଜଳ ନିଷ୍କାସନର ସୁବ୍ୟବସ୍ଥା, ଗୋଦାମ ଘର ବଜାର ବ୍ୟବସ୍ଥା, ଖାଦ୍ୟ ପ୍ରକ୍ରିୟା କରଣ, ଶିଳ୍ପ ଫସଲ ବୀମାର ସରଳୀକରଣ, ଚାଷୀ ଋଣ ଛାଡ, ବାର୍ଦ୍ଧକ୍ୟ ଭତ୍ତା ୩ ହଜାର ଟଙ୍କାକୁ ବୃଦ୍ଧି, ନୀଳଗିରି ଚାଷୀଙ୍କ ପାଇଁ ସେବା କାଗଜ କଳକୁ କାର୍ଯ୍ୟକ୍ଷମକରିବା ଆଦି ଦାବି ରହିଛି ବୋଲି ମଞ୍ଚ ତରଫରୁ ନରେନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।

## ଦିବ୍ୟାଙ୍ଗ ଦମ୍ପତିଙ୍କୁ ବିବାହ ପ୍ରୋତ୍ସାହନ ରାଶି ପ୍ରଦାନ

ଡାବୁଗାଁ,୯।୧୦ (ଡି.ଏନ.ଏ.)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ କାର୍ଯ୍ୟାଳୟରେ ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ଦିବ୍ୟାଙ୍ଗ ବିବାହ ପ୍ରୋତ୍ସାହନ ରାଶି ହିତାଧିକାରୀଙ୍କୁ ପ୍ରଦାନ କରାଯାଇଛି । ଏଥିରେ ନବରଙ୍ଗପୁର ଜିଲାପାଳ ଅଜିତ କୁମାର ମିଶ୍ର ହିତାଧିକାରୀଙ୍କୁ ସହାୟତା ରାଶି ପ୍ରଦାନ କରିଥିଲେ । ଦିବ୍ୟାଙ୍ଗ ଦମ୍ପତି କସ୍ତୁରୀ ଜାନୀ ଓ ରଇନୁ ଜାନୀ ଏବଂ ପ୍ରଜ୍ଞା ପରମିତା ଦାଶ ଓ ରଶ୍ମୀ ରଞ୍ଜନ ସାମଲଙ୍କୁ ବିଭାଗ ତରଫରୁ ୫୦ ହଜାର ଟଙ୍କାର ଚେକ ପ୍ରଦାନ କରାଯାଇଛି । ଏଥିରେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ନାରାୟଣ ବେହେରା, ଜିଲା ଭିନ୍ନକ୍ଷମ ପୁନର୍ବାସ ଅଧିକାରୀ ବିଭୂଦତ୍ତ ସେଠୀ, ଫିଜିଓଥେରାପିଷ୍ଟ ଘନଶ୍ୟାମ ବେହେରା, ତପନ ବେହେରାଙ୍କ ସମେତ ଅନ୍ୟ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।









# ସେବା ଦିବସ ପାଳିତ

**ଗୁଣପୁର,୯।୧୦(ଡି.ଏନ.ଏ)**

ରାୟଗଡା ଜିଲା ଗୁଣପୁରଠାରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଏବଂ ଆରଏସଏସ ପକ୍ଷରୁ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ଅବସରରେ ଭିନ୍ନଭିନ୍ନ ଭାବେ ସେବା ଦିବସ ପାଳିତ ହୋଇଯାଇଛି । ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରଠାରେ ଡମ୍ବସରା କଲେଜର ଅଧ୍ୟାପକ ଡ.ପ୍ରଶାନ୍ତ ହୋତା ଯୋଗଦେଇ ସେବାର ମହତ୍ତ୍ୱ ଉପରେ କହିଥିଲେ । ପ୍ରଧାନାଆଚାର୍ଯ୍ୟ ପ୍ରଫୁଲ୍ଲ ଶତପଥୀ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ସମ୍ପାଦକ ଜଗନ୍ନାଥ ପଟ୍ଟନାୟକ, ଆଚାର୍ଯ୍ୟ ପିଣ୍ଟୁ କୁମାର ଚଣ୍ଡ ଓ ପଙ୍କଜ କୁମାର ସାହୁ ସେବା ଦିବସ ଉପରେ କହିଥିଲେ । ଆଚାର୍ଯ୍ୟ ଫକୀର ଗୌଡ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଆଚାର୍ଯ୍ୟ ମହାଲକ୍ଷ୍ମୀ ପାଣିଗ୍ରାହୀ ସଂଯୋଜନା କରିଥିଲେ । ଶେଷରେ ଛାତ୍ରୀଛାତ୍ରଙ୍କୁ ନେଇ ୫ଟି ଦଳରେ ବିଭକ୍ତ କରାଯାଇ ସହରର ବିଭିନ୍ନ ସ୍ଥାନ ଯଥା ଜଗନ୍ନାଥ ମନ୍ଦିର, ଶିରିଡିସାଇମନ୍ଦିର, ରାଧାକୃଷ୍ଣ ମନ୍ଦିର, ଉପଜିଲାପାଳଙ୍କ କାର୍ଯ୍ୟାଳୟ ପରିସର, କାଶୀବିଶ୍ୱନାଥ ମନ୍ଦିର ଓ ଥାନା ପରିସର ସଫେଇ କରିଥିଲେ । ସେହିପରି ଆରଏସଏସ ପକ୍ଷରୁ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର ପରିସର ସଫେଇ କରାଯାଇଥିଲା । ସେଠାରେ କୁଞ୍ଜ ବିହାରୀ କଂସବେହେରାଙ୍କ ନେତୃତ୍ୱରେ ସଫେଇ କାର୍ଯ୍ୟକ୍ରମ ହୋଇଥିଲା । ସେହିପରି ସରକାରୀ ଉଚ୍ଚବିଦ୍ୟାଳୟଠାରେ ମଧ୍ୟ ଗୋପବନ୍ଧୁଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଗୁଣପୁର ଫାଉଣ୍ଡେଶନ ପକ୍ଷରୁ ସୁମନ ପାତ୍ର, ଅନିଲ ସାହୁକାର, ଚିନାରି କେଦାର ନାଥ, ଶିବ ପୂଜାରି, ସିଲ ଆଚାର୍ଯ୍ୟ, ଏଲ.ଶ୍ରୀନ, କିରଣ ପଣ୍ଡା ଏବଂ ପ୍ରଭାକର ବାଙ୍ଗାରି ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ପାଳନ କରିଥିଲେ । ଏହି ଅବସରରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଶଶାଙ୍କ ଦାସ ଉପସ୍ଥିତ ଥିଲେ ।



ଗୋପବନ୍ଧୁ ଜୟନ୍ତୀ ଅବସରରେ ମାଲକାନଗିରିରେ ପ୍ରଶାସନ ପକ୍ଷରୁ ଡିପିଆରଓ ମାନସ ମିଶ୍ର ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରୁଛନ୍ତି ।

## ନାଗଭୂଷଣ ପଟ୍ଟନାୟକଙ୍କ ସ୍ମୃତି ଦିବସ ପାଳିତ

**ଗୁଣପୁର,୯।୧୦(ଡି.ଏନ.ଏ)**

ରାୟଗଡା ଜିଲା ଗୁଣପୁରଠାରେ କମ୍ରେଡ଼ ନାଗ ଭୂଷଣ ପଟ୍ଟନାୟକଙ୍କ ସ୍ମୃତି ଦିବସ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ତାଙ୍କ ପ୍ରତିମୂର୍ତ୍ତି ନିକଟରେ ଶ୍ରଦ୍ଧାସୁମନ ଅର୍ପଣ କରାଯିବା ପରେ ଏକ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା । ଶେଷରେ ଆୟାପା ମନ୍ଦିରର କଲ୍ୟାଣମଣ୍ଡପଠାରେ ଏକ ସଭା ଆୟୋଜିତ ହୋଇଥିଲା । ସେଠାରେ କେନ୍ଦ୍ରୀୟ କମିଟିସଦସ୍ୟ ଧୀରେନ୍ଦ୍ର ଝା, ତ୍ରିପତି ଗମାଙ୍ଗ, ମୋଟର ୟୁନିୟନ ସଭାପତି ଫଣି ଭୂଷଣ ପଟ୍ଟନାୟକ, ରାଜ୍ୟ କମିଟି ସଦସ୍ୟ ଦାମୋଦର ଶବର, ଲୋକନାଥ ବାଉରି, ବୃନ୍ଦାବନ ବିଡିକା ପ୍ରମୁଖ ଯୋଗଦେଇ ନାଗ ଭୂଷଣଙ୍କ ସ୍ମୃତିଚାରଣ କରିବା ସହ ସଂଗଠନ ବୃଦ୍ଧି ଏବଂ କେନ୍ଦ୍ରସରକାରଙ୍କ ବିରୋଧରେ ବର୍ଷିଥିଲେ ।

## ସୁରଭି କାର୍ଯ୍ୟକ୍ରମ

**ରାୟଗଡା ଅଫିସ୍, ୯।୧୦**

କୋଲନରା ବ୍ଲକ୍ ଦୁଦୁଲି କ୍ଲଷ୍ଟର ଅନ୍ତର୍ଗତ ସରକାରୀ ଉଚ୍ଚ ବିଦ୍ୟାଳୟ ଅଣ୍ଡାମୋଡାଠାରେ ମଙ୍ଗଳବାର କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ-୨୦୧୮ ଅନୁଷ୍ଠିତ ହୋଇଯାଇଛି । ସିଆର୍‌ସିସି ବୀର ଦଳାଇଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ କ୍ଲଷ୍ଟରର ୧୬ଟି ବିଦ୍ୟାଳୟରୁ ପ୍ରାୟ ୧୦୦ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଅଣ୍ଡାମୋଡା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସୁଲତା ପଣ୍ଡା ଅଧ୍ୟକ୍ଷତା କରି ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ ।








ଯେଉଁ ଲୋକ ଉତ୍କୋଚ ବଳରେ ସବୁକିଛି କିଣିବାକୁ ଚେଷ୍ଟା କରେ,
ଦିନେ ସେ ଦେଖିବ ଯେ ତା' ବିବେକଟି ମଧ୍ୟ ବିକ୍ରି ହୋଇଯାଇଛି।
-ମାର୍କୋ ପୋଲୋ



## ସଂକ୍ଷେପରେ

### ଗୋପବନ୍ଧୁ ଜୟନ୍ତୀ ପାଳିତ

ଡାବୁଗାଁ, ୯।୧୦ (ଡି.ଏନ.ଏ.): ନବରଙ୍ଗପୁର ଜିଲା ଡାବୁଗାଁ ସରକାରୀ ବାଳିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ମଙ୍ଗଳବାର ପାଳିତ ହୋଇଯାଇଛି । ପ୍ରଧାନ ଶିକ୍ଷକ ସୁକାନ୍ତ କୁମାର ସ୍ୱାଇଁଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀମାନେ ଗୋପବନ୍ଧୁଙ୍କ ଜୀବନୀ ସମ୍ପର୍କରେ କହିଥିଲେ। ପ୍ରଧାନଶିକ୍ଷକ ଗୋପବନ୍ଧୁଙ୍କ ଭଳି ଆଦର୍ଶ ମଣିଷ ହୋଇ ଗରିବ ଓ ଦୈବୀ ଦୁର୍ବିପାକ ସମୟରେ ଅନ୍ୟକୁ ସାହାଯ୍ୟ କରିବାକୁ ପରାମର୍ଶ ଦେଇଥିଲେ । ଏହି ଅବସରରେ ଛାତ୍ରୀଙ୍କ ମଧ୍ୟରେ ବକ୍ତୃତା, ପ୍ରବନ୍ଧ ଓ ଚିତ୍ରାଙ୍କନ ପ୍ରତୋଯୋଗୀତା କରାଯାଇ ୧ମ, ୨ୟ ଓ ୩ୟ ସ୍ଥାନ ଅଧିକାର କରିଥିବା ଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରଯାଇଥିଲା। ଏଥିରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଓ ଛାତ୍ରୀମାନେ ଉପସ୍ଥିତ ଥିଲେ ।

### ନୂଆଖାଇ ଭେଟ୍‌ଘାଟ



ଧୋଡ୍ରା, ୯।୧୦(ଡି.ଏନ.ଏ)-ଝରିଗାଁ ବ୍ଲକ ଅଧୀନ କାନାକୋଟ ପଞ୍ଚାୟତରେ ମୂଳ ନିବାସୀ ଅନୁସୂଚିତ ଜାତି ସଂଘର ନୂଆଖାଇ ଭେଟଘାଟ ଅନୁଷ୍ଠିତ ହୋଇଛି। ଜିଲା ସଭାପତି ଅର୍ଜୁନ ସମରଥଙ୍କ ସଭାପତିତ୍ୱରେ ଏକ ବୈଠକ ହୋଇଥିଲା। ଏଥିରେ ୨୩ଟି ପଞ୍ଚାୟତର ପଞ୍ଚାୟତ ସଭାପତି, ସମ୍ପାଦକ ଯୋଗ ଦେଇଥିଲେ। ଜିଲା ସମ୍ପାଦକ ଡମ୍ବରୁଧର ହରିଜନ, ଜିଲା ସଭ୍ୟ ଡମ୍ବରୁଧର ସାଗର, ଧନେଇ ହରିଜନ, ବ୍ଲକ ସଭାପତି ଶ୍ରୀଧର ସଗରିଆ, ରାଇଘର ବ୍ଲକ ସମ୍ପାଦକ ସୁବର୍ଣ୍ଣ ସୁନାନୀ, କାନାକୋଟ ପଞ୍ଚାୟତ ସଭାପତି ନିଲମ ହରିଜନ, ପଦମ ହରିଜନ, ଘେନୁଆ ହରିଜନ, ସୀତାନାଥ ହରିଜନ, ସନପତ ହରିଜନ ପ୍ରମୁଖ ଯୋଗ ଦେଇଥିଲେ। ଆଗାମୀ ଦିନରେ ଜାତିର ହକ ପାଇଁ ଆନ୍ଦୋଳନ କରିବେ ଏବଂ ଜାତିର ମୂଳ ନିବାସୀ ଚିହ୍ନଟ ପାଇଁ ଝରିଗାଁ ବ୍ଲକ ଘେରାଉ କରାଯିବ ବୋଲି ଜିଲା ସଭାପତି ଓ ବ୍ଲକ ସଭାପତି କହିଥିଲେ।

### ଜାତୀୟ ବ୍ୟାଡ୍‌ମିଣ୍ଟନରେ ଡିପିଏସ୍ ଛାତ୍ରଙ୍କୁ ୪ ପଦକ



ଦାମନଯୋଡ଼ି,୯।୧୦(ଡି.ଏନ୍.ଏ.): କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ(ସିବିଏସ୍‌ଇ) ପକ୍ଷରୁ ପୂର୍ବାଞ୍ଚଳ ଓ ଦୂର ପୂର୍ବାଞ୍ଚଳ ଜୋନ ଆନ୍ତଃସ୍କୁଲ ବ୍ୟାଡମିଣ୍ଟନ ପ୍ରତିଯୋଗିତା ଅକ୍ଟୋବର ୨ରୁ ୬ ତାରିଖ ପର୍ଯ୍ୟନ୍ତ ଉତ୍ତର ପ୍ରଦେଶର ବଦାୟୁ ବିଆର୍‌ବି ସ୍କୁଲରେ ଅନୁଷ୍ଠିତ ହୋଇଛି। ଏଥିରେ ନାଲ୍‌କୋ ଦିଲୀ ପବ୍ଲିକ ସ୍କୁଲର ଛାତ୍ର ୪ଟି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ପ୍ରକାଶଯେ, ଭୁବନେଶ୍ୱର ଓ ଗୁଆହାଟି ରିଜିୟନର ୧୧ ରାଜ୍ୟରୁ ପ୍ରାୟ ୧ ହଜାରରୁ ଉର୍ଦ୍ଧ୍ୱ ଛାତ୍ରାଛାତ୍ର ପ୍ରତିଯୋଗିତାରେ ଭାଗ ନେଇଥିଲେ। ଦାମନଯୋଡି ନାଲ୍‌କୋ ଟାଉନସିପ୍ ଦିଲ୍ଲୀ ପବ୍ଲିକ ସ୍କୁଲର ୭ଜଣ ଛାତ୍ର ଶିକ୍ଷକ ନବକିଶୋର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଭାଗ ନେଇଥିଲେ। ୧୪ ବର୍ଷରୁ କମ୍ ବାଳକ ବର୍ଗରେ ଅନିକେତ ମହାନ୍ତି, ସ୍ମୃତି ରଞ୍ଜନ ରାଉତ, ଏମ୍. ମୋହିତ କୁମାର ଓ ଶୁଭଙ୍କର ପରିଡା ତୃତୀୟ ସ୍ଥାନ ଅଧିକାର କରି ବ୍ରୋଞ୍ଜ ପଦକ ଜିତିଛନ୍ତି। ୧୭ ବର୍ଷରୁ କମ୍ ବାଳକ ବର୍ଗରେ ଓମ୍.ଭିନଚୁରକର, ଅଙ୍କିତ ମିଶ୍ର ଓ ଅର୍ପିତ ମିଶ୍ର କ୍ୱାର୍ଟର ଫାଇନାଲ ଖେଳିଥିଲେ। ପିଲାଙ୍କ ସଫଳତା ପାଇଁ ସ୍କୁଲ ଅଧକ୍ଷା ଦୀପାନ୍ୱିତା ଦାସ, ପିଇଟି ଶିକ୍ଷୟିତ୍ରୀ ଅଞ୍ଜନା ମହାପାତ୍ରଙ୍କ ସହ ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକ, କୋଚ୍ ଓ ଅଭିଭାବକ ମହଲରୁ ଶୁଭେଚ୍ଛା ଜଣାଯାଇଛି।

### କଣ୍ଡାବାଉଁଶୁଣୀରେ ନବରାତ୍ର ପୂଜା ଆରମ୍ଭ

ଦାମନଯୋଡ଼ି,୯।୧୦(ଡି.ଏନ୍.ଏ.) ମଙ୍ଗଳବାର ନବରାତ୍ର ପୂଜା ଆରମ୍ଭ ଅବସରରେ ଦାମନଯୋଡି ପ୍ରତ୍ୟକ୍ଷ ଦେବୀ ମା' କଣ୍ଡା ବାଉଁଶୁଣୀଙ୍କ ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ ଲାଗିଥିଲା। ଶ୍ରଦ୍ଧାଳୁମାନେ ମା'ଙ୍କ ପ୍ରିୟ ଲାଲ ରଙ୍ଗର ଶାଢି ସହ ଚୁଡି, ସିନ୍ଦୁର, ମନ୍ଦାର ଫୁଲ ଓ ମାନସିକ ଦ୍ରବ୍ୟ ଆଦି ଅର୍ପଣ କରିଥିଲେ। ପୂଜକ ଅର୍ଜୁନ ଦାମି, ବାସୁ ବଡନାୟକ, ଜର ବଡନାୟକ ଓ ସହଯୋଗୀ ବାହାଦୁର ପୂଜା କାର୍ଯ୍ୟ ତୁଲାଇଥିଲେ।

# ପୋଲିସକୁ ଠେଲି ପଞ୍ଚାୟତ କାର୍ଯ୍ୟାଳୟରେ ଧସେଇ ପଶିଲେ ଆନ୍ଦୋଳନକାରୀ

■ ୧୦ ଦଫା ଦାବି ନେଇ ଯୁବକ ସଂଘ ତରଫରୁ ଶୋଭାଯାତ୍ରା

ଝରିଗାଁ,୯।୧୦(ସ୍ୱ.ପ୍ର)

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ କୁଟ୍ରିଛାପର ପଞ୍ଚାୟତରେ ରହିଥିବା ବିଭିନ୍ନ ସମସ୍ୟା ନେଇ କଲେଗାଁ ମା' ଠାକୁରାଣୀ ଯୁବକ ସଂଘ ତରଫରୁ ମଙ୍ଗଳବାର ଡାଇନିଗୁଡା ଛକ ନିକଟରୁ ଏକ ଶୋଭାଯାତ୍ରା ବାହାରି କୁଟ୍ରିଛାପର ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲା। ପଞ୍ଚାୟତ କାର୍ଯ୍ୟାଳୟର ମୁଖ୍ୟ ଫାଟକ ନିକଟରେ ଆନ୍ଦୋଳନକାରୀଙ୍କୁ ଝରିଗାଁ ପୋଲିସ ଅଟକାଇ ଥିଲା । କିନ୍ତୁ ଆନ୍ଦୋଳନକାରୀ ମାନେ ପୋଲିସକୁ ଠେଲି ପଞ୍ଚାୟତ କାର୍ଯ୍ୟାଳୟ ପରିସର ମଧ୍ୟକୁ ଧସେଇ ପଶିଥିଲେ। ପୋଲିସ ସେମାନଙ୍କୁ ବୁଝାଶୁଝା କରି କାର୍ଯ୍ୟାଳୟ ଗୃହ ମଧ୍ୟକୁ ପଶିବାକୁ ଦେଇ ନ ଥିଲା । ଝରିଗାଁ ବିଡିଓ ଦେବେନ୍ଦ୍ର ବାହାଦୂର ସିଂ ଧରୁଆ, ତହସିଲଦାର କ୍ଷମାନିଧି ଭୋଇ, ଥାନା ଅଧିକାରୀ ଅଭୟ କୁମାର ବେହେରା ଉପସ୍ଥିତ ଥିଲେ। ଏହି ଅବସରରେ ଯୁବକ ସଂଘ ତରଫରୁ ପଞ୍ଚାୟତରେ ରହିଥିବା ବିଭିନ୍ନ ସମସ୍ୟା ଉପସ୍ଥାପନ କରାଯାଇଥିଲା। ଏହାପରେ ବିଡିଓଙ୍କୁ ୧୦ ଦଫା ଦାବୀପତ୍ର ପ୍ରଦାନ କରାଯାଇଥିଲା। କୁଟ୍ରିଛାପର ପଞ୍ଚାୟତରେ ଏସିସି ତାଲିକା ଅନୁସାରେ ଗରିବ ପରିବାରରେ ରହିଥିବା ହିତାଧିକାରୀଙ୍କୁ ବିଜୁପକ୍କା ଘର କିମ୍ବା ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ମିଳୁନଥିବା ନେଇ ସେମାନେ ଅଭିଯୋଗ କରିଥିଲେ । ସେହିପରି କଲେଗାଁ ଗ୍ରାମରେ ୩ଶହ ବିପିଏଲ୍ ପରିବାରଙ୍କୁ ତୁରନ୍ତ ବିଦ୍ୟୁତ ସେବା ଯୋଗାଇ ଦେବା, ଡାଇନିଗୁଡା ଛକ ଠାରୁ କଲେଗାଁ ଦେଇ ଗାଉଁଟିଆ ଗ୍ରାମ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ସଡକ ନିର୍ମାଣ, ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ସମସ୍ତ ଗ୍ରାମକୁ ପକ୍କା ରାସ୍ତା , ପଞ୍ଚାୟତରେ ବାଦ ପଡିଥିବା ବିକଳାଙ୍ଗ, ବିଧବା ତଥା ବୃଦ୍ଧବୃଦ୍ଧା ମାନଙ୍କୁ ଚିହ୍ନଟ କରି ସେମାନଙ୍କୁ ତୁରନ୍ତ ଭତ୍ତା ପ୍ରଦାନ, ଶିକ୍ଷିତ ବେକାର ଯୁବକ ମାନଙ୍କୁ ବ୍ୟବସାୟ କରିବା ନେଇ ଷ୍ଟଲ ପ୍ରଦାନ , ହରିଶ୍ଚନ୍ଦ୍ର ଯୋଜନାରେ ଆବେଦନକାରୀ ମୃତକଙ୍କ ପରିବାର ଲୋକଙ୍କୁ ସହାୟତା ରାଶି ପ୍ରଦାନ, ସମସ୍ତ ଗ୍ରାମରେ ପାଣି ଟାଙ୍କି ତିଆରି କରାଯାଇ ପାନୀୟ ଜଳ ଯୋଗାଣ ଯୋଗାଇ ଦେବା ନେଇ ଦାବି କରିଛନ୍ତି। ସେହିପରି ସମସ୍ତ ଗ୍ରାମରେ ଯୁବକ ସଂଘ ସକାଶେ ସଭା ଗୃହ ପ୍ରଦାନ କରାଯିବା ନେଇ ଦାବିପତ୍ରରେ ଉଲ୍ଲେଖ ରହିଅଛି। ଏଥିରେ ମା' ଠାକୁରାଣୀ ଯୁବକ ସଂଘର ସଭାପତି ଇନ୍ଦ୍ରମଣି ମାଝୀ, ସମ୍ପାଦକ ପୀତାମ୍ବର ପାଣ୍ଡେ, କୈଳାଶ ପାଣ୍ଡେ, ରାଜେଶ ଜାନୀ, ଝିନବାସ ଚୌଧୁରୀ, ଲଛମନ ଉଲ୍ଲାକା, କୃଷ୍ଣ ଜାନୀ, ଡମ୍ବରୁ ଗଣ୍ଡ, ପବିତ୍ର ମାଝୀଙ୍କ ସହ ପଞ୍ଚାୟତର ଶତାଧିକ ମହିଳା ପୁରୁଷ ସାମିଲ ହୋଇଥିଲେ। ମାସକ ମଧ୍ୟରେ ସମସ୍ୟା ସମାଧାନ କିପରି ହୋଇପାରିବ ସେଥିପ୍ରତି ଗୁରୁତ୍ୱ ଦିଆଯିବ ବୋଲି ବିଡିଓ ପ୍ରକାଶ କରିଥିଲେ।



ଆନ୍ଦୋଳନକାରୀମାନେ ପୋଲିସକୁ ଠେଲି ପଞ୍ଚାୟତ କାର୍ଯ୍ୟାଳୟକୁ ଧସେଇ ପଶୁଛନ୍ତି।

■କଲେଗାଁ ଗ୍ରାମରେ ୩ ଶହ ବିପିଏଲ ପରିବାର ବିଦ୍ୟୁତ ସେବାରୁ ବଞ୍ଚିତ

■ହରିଶ୍ଚନ୍ଦ୍ର ଯୋଜନାରେ ମୃତକଙ୍କ ପରିବାରଙ୍କୁ ମିଳୁନି ସହାୟତା

■ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ମିଳୁନି

■ କୁନ୍ଦୁଲି ଗଣବଳାତ୍କାରକୁ ବର୍ଷେ ପୂରିଲା

# ଆଜି ସ୍ମୃତିସଭା ସହ ଧାରଣା

କୋରାପୁଟ,୯।୧୦(ସ୍ୱ.ପ୍ର.)

କୁନ୍ଦୁଲି ନାବାଳିକା ଗଣ ବଳାତ୍କାର ଘଟଣାକୁ ବୁଧବାର ଏକ ବର୍ଷ ପୂରିଛି। ବୁଧବାର କୁନ୍ଦୁଲି ହାଟରେ ଶ୍ରଦ୍ଧାଞ୍ଜଳି ଓ ସ୍ମୃତିଚାରଣ ସଭା ହେବ। ମଙ୍ଗଳବାର ଅପରାହ୍ନରେ କୁନ୍ଦୁଲି ପୀଡ଼ିତା ସ୍ମୃତି କମିଟି ଅଧକ୍ଷ ତଥା କୋରାପୁଟ ବିଧାୟକ କୃଷ୍ଣଚନ୍ଦ୍ର ସଗରିଆ କୋରାପୁଟରେ ଖବରଦାତା ସମ୍ମିଳନୀ କରି ଏହି ସୂଚନା ଦେଇଛନ୍ତି। ସ୍ମୃତି କମିଟି ବୁଧବାର କଳାଦିବସ ପାଳିବା ସହ ପୀଡ଼ିତାଙ୍କ ଗ୍ରାମ ମୁଷାଗୁଡ଼ାରେ ତାଙ୍କ ସମାଧିପୀଠରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବ। ସ୍ମୃତିଚାରଣ ସଭାରେ ପୂର୍ବତନ ଏମ୍‌ପି ତଥା ପିସିସି କାର୍ଯ୍ୟକାରୀ ସଭାପତି ପ୍ରଦୀପ ମାଝି, ଜୟପୁର ବିଧାୟକ ତାରାପ୍ରସାଦ ବାହିନିପତି, ନବରଙ୍ଗପୁର ମା'ଘର ଅଧକ୍ଷା କାଦମ୍ବିନୀ ତ୍ରିପାଠୀ ଯୋଗ ଦେବେ। କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ଦାମୋଦର ରାଉତ ଯୋଗଦେବାର ଥିଲେ ମଧ୍ୟ ଶେଷ ମୁହୂର୍ତ୍ତରେ ତାହା ବାତିଲ ହୋଇଥିବା ସଗରିଆ କହିଛନ୍ତି। ବୁଧବାର ଅପରାହ୍ନରେ କୋରାପୁଟ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସମସ୍ତ ନେତା ଓ କର୍ମୀ ତଥା ବୁଦ୍ଧିଜୀବୀମାନେ କଳାବ୍ୟାଜ୍ ପିନ୍ଧି ଧାରଣା ଦେବେ।

# ଆନ୍ତଃରାଜ୍ୟ ଡକାୟତ ଦଳର ୫ ଗିରଫ

■ମାଉଜର, ୩ ଜୀବନ୍ତ ଗୁଳି, ଖଣ୍ଡା, ଛୁରି, ୩ ଗାଡ଼ି ଜବତ



ଗିରଫ ହୋଇଥିବା ଡକାୟତ ଦଳର ୪ ସଦସ୍ୟ।

କୋରାପୁଟ,୯।୧୦(ସ୍ୱ.ପ୍ର.)

କୋରାପୁଟ ପୋଲିସକୁ ମଙ୍ଗଳବାର ଏଏସ୍‌ପି ସାଗରିକା ନାଥଙ୍କ ନେତୃତ୍ୱରେ ଉଲ୍ଲେଖନୀୟ ସଫଳତା ମିଳିଛି । ଜାତୀୟ ରାଜପଥରେ ଡକାୟତି କରୁଥିବା ଆନ୍ତଃରାଜ୍ୟ ଡକାୟତ ଦଳର ୫ ଜଣଙ୍କୁ ଗିରଫ କରିଛି ପୋଲିସ। ସେମାନଙ୍କଠାରୁ ମାଉଜର, ଗୁଳି, ଖଣ୍ଡା, କାର୍ ଓ ୨ଟି ବାଇକ ଜବତ ହୋଇଛି। ସନ୍ଧ୍ୟାରେ ଟାଉନ ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦିଆଯାଇଛି।

ପ୍ରକାଶ ଯେ, ସୋମବାର ରାତିରେ କୋରାପୁଟ ଟାଉନ ଥାନା ଏସ୍‌ଆଇ ରମେଶ ଦେବତାଙ୍କ ସମେତ ପୋଲିସ ଟିମ୍ ପାଟ୍ରୋଲିଂ କରୁଥିଲା। ୧ଟା ୩୦ରେ ମାରୁତି ଏଷ୍ଟିମ (ଓଆର ୧୪ କେ ୬୯୯୬), ଦୁଇଟି ଆପାଚେ ବାଇକରେ ଡକାୟତ ଦଳ କେଚଲା ରୋଡରେ ଯାଉଥିବା ବେଳେ ପୋଲିସ ସେମାନଙ୍କୁ ଗୋଡାଇ ଗୋଡାଇ ଧରିଥିଲା। କାର୍ ଓ ବାଇକ୍‌ରେ ୭ ଜଣ ଡକାୟତ ଥିବାବେଳେ ୨ ଜଣ ଖସି ପଳାଇଥିଲେ। ୫ ଜଣଙ୍କୁ ପୋଲିସ ଧରିଥିଲା। କୋରାପୁଟ ଟାଉନ ଥାନାରେ ୨୧୨/୨୦୧୮ ତାରିଖ ୯-୧୦-୨୦୧୮ରେ ଏକ ମାମଲା ରୁଜୁ କରାଯାଇଥିବାବେଳେ ଧାରା ୩୯୯/୪୦୨/ଆଇପିସି ୨୫ ଆର୍ମ ଆକ୍ଟ ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରହିଛି । ଗିରଫଙ୍କ ଭିତରେ ଜଣେ ଜୁଭେନାଇଲ ଅଛନ୍ତି। ଛତିଶଗଡ଼ର କୋଣ୍ଡାଗାଁ ଥାନାରେ ତାଙ୍କ ନାଁରେ ୧୪/୨୦୧୮ରେ ଏକ ମାମଲା ଥିବାବେଳେ ସେଥିରେ ସେ ଜଗଦଲପୁର ଜୁଭେନାଇଲ ଜେଲରେ ବନ୍ଦୀ ଥିଲେ। କୌଣସିମତେ ସେଠାରୁ ଖସିଯାଇ ସେ ଡକାୟତିରେ ଲାଗିଛନ୍ତି। ଗିରଫ ଅନ୍ୟ ୪ ଜଣ ହେଲେ ରତି ଖରା, ଉମେଶ ଯାଦବ, ବିଶାଳ ବାଘ, ଅରବିନ୍ଦ କୁମାର। ରତିଙ୍କ ଘର ଜୟପୁର ନିକଟସ୍ଥ ବାରିଣିପୁଟସ୍ଥିତ ପାୱାର ହାଉସ କଲୋନି ଓ ସେ ୧୯୯୧ରେ ନିଜ ଗ୍ରାମର ଭଗବାନ ଖରାଙ୍କୁ ହତ୍ୟାକରି ଜେଲ୍‌ରେ ଥିଲେ। କିଛି ଦିନ ତଳେ ସେଠାରୁ ଖଲାସ ହୋଇଥିଲେ। ଉମେଶ ଓ ଅରବିନ୍ଦଙ୍କ ଘର ଉତ୍ତରପ୍ରଦେଶର ଛାପ୍ରା ହୋଇଥିବା ବେଳେ ସେମାନେ କିଛିଦିନ ହେଲା ସମ୍ବଲପୁର ଓ ଝାରସୁଗୁଡ଼ା ଅଞ୍ଚଳରେ ବିଭିନ୍ନ ଡକାୟତି ଘଟଣାରେ ସଂଶ୍ଳିଷ୍ଟ ଥିଲେ । ସେହିପରି ବିଶାଳ ବାଘ ମଧ୍ୟ ବିହାର ଅଞ୍ଚଳର ହୋଇଥିବା ବେଳେ ସେ ବ୍ରଜରାଜ ନଗରରେ ରହୁଥିଲେ। ତାଙ୍କ ନିକଟରୁ ମାଉଜର ସମେତ ୩ଟି ଜୀବନ୍ତ ଗୁଳି ଜବତ ହୋଇଥିଲା । ଏହି ଘଟଣାରେ ଫେରାର ଥିବା ଅନ୍ୟ ଦୁଇ ଜଣ ହେଲେ ଦେବେନ୍ଦ୍ର ନାଗ ଓ ଚନ୍ଦ୍ର ଗାଦବା। ସେମାନଙ୍କ ନାଁରେ ମଧ୍ୟ ବିଭିନ୍ନ ଥାନାରେ ମାମଲା ରହିଛି।

# ସୀମାନ୍ତରେ ଭାଜପାର ନୂଆଖାଇ ଭେଟ୍‌ଘାଟ୍

ରାଇଘର, ୯।୧୦(ଡି.ଏନ.ଏ)

ନବରଙ୍ଗପୁର ଜିଲା ରାଇଘର ବ୍ଲକ ଛତିଶଗଡ ସୀମାନ୍ତ କୁନ୍ଦେଇଠାରେ ଭାଜପା ହାଟଭରଣ୍ଡି ମଣ୍ଡଳୀ ତରଫରୁ ନୂଆଖାଇ ଭେଟଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଛତିଶଗଡର ନେତା ସହ ନବରଙ୍ଗପୁର ଜିଲାସ୍ତରୀୟ କର୍ମକର୍ତ୍ତା, ବ୍ଲକ କର୍ମକର୍ତ୍ତା ଯୋଗ ଦେଇଥିଲେ । ଏଥିରେ ପଡୋଶୀ ରାଜ୍ୟ ଛତିଶଗଡର କେସକଲ ପୂର୍ବତନ ବିଧାୟକ, ସିହାୱା ପୂର୍ବତନ ବିଧାୟକ ପିଙ୍କିଶାହା ଧ୍ରୁ, ନବରଙ୍ଗପୁର ପୂର୍ବତନ ଏମପି ପର୍ଶୁରାମ ମାଝି, ଜିଲା ମହିଳା ମୋର୍ଚ୍ଚା ସଭାପତି ପ୍ରବିତା କଲାର ପ୍ରମୁଖ ଯୋଗ ଦେଇଥିଲେ । ଏଥିରେ ଅତିଥିମାନେ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ଓ ବିକାଶ ଉପରେ ଲୋକଙ୍କୁ ଅବଗତ କରିଥିଲେ । ବିଜେଡି ସରକାର ଓଡିଶାର ବିକାଶ କରିପାରୁ ନାହିଁ ବୋଲି ଛତିଶଗଡିରୁ ଆସିଥିବା ଅତିଥିମାନେ କହିଥିଲେ। ଏଥିସହ ରାଜ୍ୟ ଆଦିବାସୀ ମୋର୍ଚ୍ଚା ସାଧାରଣ ସମ୍ପାଦକ ନିତ୍ୟା ଗଣ୍ଡ, ବ୍ଲକ ଅଧକ୍ଷ ବିନୋ ଗଣ୍ଡ, ଉପାଧକ୍ଷ ବିଶୁ ସିଲ, ଜିଲା ପରିଷଦ ସଭ୍ୟା ଦେଓକୁମାରୀ ଗଣ୍ଡ, ପୁନିତା ଗଣ୍ଡ, ସୁଦର୍ଶନ ମାଝି ଓ ପ୍ରିତିସ୍ନିଗ୍‌ଧା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ବର୍ତ୍ତମାନ ବିଜେଡିର ଗଡ କୁହାଯାଇଥିବା କୁନ୍ଦେଇ ପଞ୍ଚାୟତରେ ଭାଜପା ଏକ ବିରାଟ ସମାବେଶ କରି ନିଜର ସଙ୍ଗଠନ ଦେଖାଇଛି। ୫ହଜାରରୁ ଉର୍ଦ୍ଧ୍ୱ ଜନସାଧାରଣ ଏଥିରେ ଯୋଗ ଦେଇଥିଲେ। ଏହି ଅବସରରେ ୨ ଶହରୁ ଉର୍ଦ୍ଧ୍ୱ ବିଜେଡି ଓ କଂଗ୍ରେସ କର୍ମୀ ଭାଜପାରେ ସାମିଲ ହୋଇଥିଲେ। ଜିଲା କୃଷକ ମୋର୍ଚ୍ଚା ସମ୍ପାଦକ ଶିବ କୁମାର ଗଣ୍ଡ, ହାଟଭରଣ୍ଡି ମଣ୍ଡଳ ସଭାପତି ବିରୁଜୁ କଲାର, ଶ୍ୟାମଲାଲ କଲାର, ତ୍ରିବେଣୀ ଗଣ୍ଡ, ମନସୁ ଗଣ୍ଡ, ରାଜମନ ଗଣ୍ଡ, ଆଶାରାମ ଗଣ୍ଡ, ରାମ ସିଂ, ବିଷମ ଗଣ୍ଡ, ପ୍ରକାଶ ଶର୍ମା, ହରିହର ନାଗ ପ୍ରମୁଖ ସହଯୋଗ କରିଥିଲେ।



ନୂଆଖାଇ ଭେଟ୍‌ଘାଟରେ ସାମିଲ ହୋଇଥିବା ଭାଜପା ନେତା ଓ କର୍ମକର୍ତ୍ତାମାନେ ।

## ୪ ହଜାର ହିତାଧିକାରୀଙ୍କୁ ଖାଉଟି କାର୍ଡ

ଦଶମନ୍ତପୁର,୯।୧୦(ଡି.ଏନ୍.ଏ.)

ଦଶମନ୍ତପୁର ବ୍ଲକରେ ମଙ୍ଗଳବାର ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନାରେ ଖାଉଟି କାର୍ଡ଼ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ବିଡିଓ ଡମ୍ବରୁଧର ମଲ୍ଲିକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ଭାବେ ରାଜ୍ୟସଭା ସଦସ୍ୟ ସୌମ୍ୟରଞ୍ଜନ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଏମ୍‌ପି ଝିନ୍ନ ହିକ୍‌କା, ଜିଲା ପରିଷଦ ଅଧକ୍ଷ ପ୍ରଭୁ ଜାନୀ, ଓଡ଼ିଶା ଖଦି ବୋର୍ଡ ସଭାପତି ତେଜେଶ୍ୱର ପରିଡ଼ା, ଏମ୍‌ପି ପ୍ରତିନିଧି ତଥା ବ୍ଲକ ଉପାଧକ୍ଷ ନାରାୟଣ ବିଷୋୟୀ, ପଟ୍ଟାଙ୍ଗି ବିଧାୟକ ପ୍ରଫୁଲ୍ଲ ପାଙ୍ଗି, ଆଦିବାସୀ ବିକାଶ ପରିଷଦ ଅଧକ୍ଷ କମୁଲୁ ଜାନି, ଦଶମନ୍ତପୁର ବ୍ଲକ ପର୍ଯ୍ୟବେକ୍ଷକ ଭୀଷ୍ମ ଆଚାର୍ଯ୍ୟ ଚୌଧୁରୀ, ଡିଆରଡିଏ ପିଡି ଦେବେନ୍ ପ୍ରଧାନ ଯୋଗ ଦେଇଥିଲେ। ୫ହଜାର ନାମ ପଞ୍ଜିକୃତ ହୋଇଥିବା ବେଳେ ଏଥିରେ ୪ ହଜାର ହିତାଧିକାରୀଙ୍କୁ କାର୍ଡ଼ ଦିଆଯାଇଛି। ଏବିଡିଓ ରଜନୀକାନ୍ତ ଦାଶ, ବିଜେଡି କର୍ମୀ ଓ ବ୍ଲକ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ପଟ୍ଟାଙ୍ଗୀ ବ୍ଲକ ପୁକାଲି ଉଚ୍ଚ ଇଂରାଜି ବିଦ୍ୟାଳୟରେ ଗୋପବନ୍ଧୁ ଜୟନ୍ତୀରେ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରୁଛନ୍ତି ଅତିଥିମାନେ ।

# ବ୍ଲକସ୍ତରୀୟ ଅଭିଯୋଗ ଶୁଣାଣି

ଡାବୁଗାଁ, ୯।୧୦ (ଡି.ଏନ.ଏ.)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ କାର୍ଯ୍ୟାଳୟ ଠାରେ ବ୍ଲକସ୍ତରୀୟ ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ନବରଙ୍ଗପୁର ଜିଲାପାଳ ଅଜିତ କୁମାର ମିଶ୍ର ଯୋଗ ଦେଇ ବିଭିନ୍ନ ଅଭିଯୋଗ ଗୁଡିକର ଶୁଣାଣୀ କରିଥିଲେ । ଏଥିରେ ବ୍ୟକ୍ତିଗତ ସମସ୍ୟା ୭ଟି, ଗ୍ରାମ୍ୟ ସମସ୍ୟା ୧୦ଟି ଓ ଚିକିତ୍ସା ସହାୟତା ୩ଟି ଭଳି ମୋଟ ୨୦ ଟି ଅଭିଯୋଗର ଶୁଣାଣୀ କରାଯାଇଥିଲା । ଏଥିରେ ନଳକୂପ ଖନନ, ଟ୍ରାଇସାଇକେଲ ପ୍ରଦାନ, ବିଜୁ ପକ୍କା ଘର ଯୋଗାଣ, ଡାବୁଗାଁ ଆଦର୍ଶ ବିଦ୍ୟାଳୟର ଜମିର ସମାଧାନ, ବୋରୀଗାଁ ଗ୍ରାମରେ ବିଦ୍ୟୁତ ସମସ୍ୟା, ଚଚରାଗୁଡା ବିଦ୍ୟାଳୟରେ ଶିକ୍ଷକ ଯୋଗାଣ, ଘରଡିହ ପଟ୍ଟା ପ୍ରଦାନ ଏବଂ ନନ୍ଦାହାଣ୍ଡି ବ୍ଲକର ସୁକ୍ରି ରଣା, ଡାବୁଗାଁ ବ୍ଲକର ଜୟନ୍ତୀନଗର ଗ୍ରାମର ମମତା ବୈଦ୍ୟ ଓ ଡାବୁଗାଁ ଗ୍ରାମର ବୁଚୁକି ହରିଜନଙ୍କୁ ଚିକିତ୍ସା ସହାୟତା ପାଇଁ ଅଭିଯୋଗ ହୋଇଥିଲା । ଉକ୍ତ ଅଭିଯୋଗର ଶୁଣାଣୀ କରି ଏହାର ସମାଧାନ ନିମନ୍ତେ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହି ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମରେ ଜିଲା ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଚିନୋମ୍ମା ହୃଦୟାନନ୍ଦ, ଜିଲା ମଙ୍ଗଳ ଅଧିକାରୀ ପବିତ୍ର ମୋହନ ପ୍ରଧାନ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ନାରାୟଣ ବେହେରା, ଜିଲା ସମାଜ କଲ୍ୟାଣ ଅଧିକାରୀ ନିମାଇଁ ଚନ୍ଦ୍ର ସ୍ୱର୍ଣ୍ଣକାର, ସାଉଥକୋ ନିର୍ବାହୀ ଯନ୍ତ୍ରୀ ବସନ୍ତ କୁମାର ମହାପାତ୍ର, ଜିଲା ଜଳ ଓ ପରିମଳ ବିଭାଗ ନିର୍ବାହୀ ଯନ୍ତ୍ରୀ ମନୋରଞ୍ଜନ ମାଳୀ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁରେଶ କୁମାର ପଟ୍ଟନାୟକ, ଜିଲା ଶିକ୍ଷା ଅଧିକାରୀ ଚନ୍ଦ୍ର ଶେଖର ପାଣିଗ୍ରାହୀ, ପାପଡାହାଣ୍ଡି ଜିଲା କୃଷି ଧିକାରୀ ପ୍ରସାଦ କୁମାର ନାୟକ, ଜିଲା ଶିଳ୍ପକେନ୍ଦ୍ର ସାଧାରଣ ପରିଚାଳକ ଲିଙ୍ଗରାଜ କନ୍ଧପାନ, ଡାବୁଗାଁ ତହସିଲଦାର ନରସିଂହ ଗାଦବା, ବିଡିଓ ଗୌରହରି ପାତ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡା. ସୁବ୍ରତ କୁମାର ପ୍ରଧାନ, କିରାଣୀ ଗଗନ ବିଶୋଇ ଓ ସୁଧାଂଶୁ ଶେଖର ମିଶ୍ର ଓ ବିଭିନ୍ନ ବିଭାଗୀୟ ଜିଲା ସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।



ଅଭିଯୋଗ ଶୁଣାଣି ଶିବିରରେ ଜିଲାପାଳଙ୍କ ସହ ଅନ୍ୟମାନେ।

## କ୍ଷତିପୂରଣ ପରେ ବ୍ୟବଚ୍ଛେଦ ହେଲା ମୃତଦେହ

ନନ୍ଦପୁର, ୯।୧୦(ଡି.ଏନ୍.ଏ.): ନନ୍ଦପୁର ଥାନା ସରବତୀ ଘାଟିରେ ସୋମବାର ଟ୍ରାକ୍ଟର ଚାପାରେ ସରବୁ ଖରାଙ୍କ ମୃତ୍ୟୁ ହୋଇଥିଲା। ପରିବାର ଲୋକେ କ୍ଷତିପୂରଣ ଦାବିରେ ମୃତଦେହ ବ୍ୟବଚ୍ଛେଦ କରାଇ ଦେଇ ନ ଥିଲେ। ମଙ୍ଗଳବାର ଟ୍ରାକ୍ଟର ମାଲିକ ୧ଲକ୍ଷ ୫୦ ହଜାର ଟଙ୍କା କ୍ଷତିପୂରଣ ଦେବା ପରେ ମୃତଦେହ ବ୍ୟବଚ୍ଛେଦ ହୋଇଥିବା ସୂଚନା ମିଳିଛି। ବ୍ୟବଚ୍ଛେଦ ପରେ ମୃତଦେହ ପରିବାରକୁ ହସ୍ତାନ୍ତର କରାଯାଇଛି।

# ତେଜିଲା ହାଇକୋର୍ଟ ସ୍ଥାୟୀ ବେଞ୍ଚ ଦାବି

ଜୟପୁର,୯।୧୦(ନି.ପ୍ର./ଡି.ଏନ୍.ଏ.)

କୋରାପୁଟ ଜିଲା ଜୟପୁରରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି ଜୋର ଧରିଛି। ଏହି କ୍ରମରେ ମଙ୍ଗଳବାର ଜିଲା ଆଇନଜୀବୀ ସଂଘ ପକ୍ଷରୁ ଜୟପୁର ଉପଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟ ନିକଟରେ ୪ ଦିନିଆ ଧାରଣା ଆରମ୍ଭ ହୋଇଛି। ସଂଘ କୋର୍ଟ କାର୍ଯ୍ୟ ମଧ୍ୟ ବନ୍ଦ କରିଛି। ଜୟପୁର ବିଧାୟକ ତାରାପ୍ରସାଦ ବାହିନିପତି ଧାରଣାରେ ସାମିଲ ହୋଇ ସମର୍ଥନ ଜଣାଇଛନ୍ତି। ଦାବି ପୂରଣ ନ ହେଲେ ଦଶହରା ପରେ କୋରାପୁଟ ଜିଲା ବନ୍ଦ କରାଯିବ ବୋଲି ଚେତାବନୀ ଦିଆଯାଇଛି। ୧୨ ତାରିଖ ପର୍ଯ୍ୟନ୍ତ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଓକିଲମାନେ କୋର୍ଟ ବର୍ଜନ କରି ଧାରଣାରେ ବସିବେ। ଏନେଇ ସଂଘ ତରଫରୁ ଜିଲା ଜଜ୍‌ଙ୍କୁ ଅବଗତ କରାଯାଇଛି। ଜୟପୁରସ୍ଥିତ ୧୫ରୁ ଅଧିକ କୋର୍ଟରେ କାର୍ଯ୍ୟରତ ଓକିଲମାନେ ଧରଣାରେ ବସିଛନ୍ତି। ଧାରଣାରେ ସଂଘ ସମ୍ପାଦକ ରବିନ୍ଦ୍ର ପାତ୍ର, ସହସମ୍ପାଦକ ଗିରିଧର ଖରା, କୋଷାଧକ୍ଷ ହରିଶ ମୁଦୁଲି, ଶଶାନନ୍ଦ ମିଶ୍ର, ପ୍ରଭାକର ପଟ୍ଟନାୟକ, ରାମନାଥ ମିଶ୍ର, ରମେଶ ପାତ୍ର, ବିଜୟ ରାୟ ଜେନାଦେଓ, ଶିବ ପ୍ରସାଦ ପାଢୀ, ମୁରଲି ପଟ୍ଟନାୟକ, ସୁଧୀର ପାଢୀ, କାହ୍ନୁ ଚରଣ ମିଶ୍ର, ଶୁଭେନ୍ଦୁ ମିଶ୍ର, ଉମାଚରଣ ସାହୁ, ସାକାର ଅଲ୍ଲୀ, ମୀନକେତନ ପରିଚ୍ଛା, ଶରତ ମାଝି, ଦିବାକର ଗୌଡ଼, ଶିବ ପାଢ଼ୀ, ରାଜେନ୍ଦ୍ର ଗୌଡ଼ ଯୋଗ ଦେଇଥିଲେ। ଦାବିକୁ ସମର୍ଥନ ଜଣାଇ ଭାଜପା ପକ୍ଷରୁ ଦେବେନ୍ଦ୍ର ବାହିନିପତି ଧାରଣାସ୍ଥଳରେ ପହଞ୍ଚିଥିଲେ।



ଧାରଣାସ୍ଥଳରେ ଆଇନଜୀବୀଙ୍କୁ ସମର୍ଥନ ଦେଉଛନ୍ତି ବିଧାୟକ ତାରା ବାହିନୀପତି ।

■ଧାରଣାରେ ବସିଲା ଆଇନଜୀବୀ ସଂଘ

■ସଂଘକୁ ସମର୍ଥନ ଦେଲେ ଜୟପୁର ବିଧାୟକ, ଭାଜପା

■ଦାବି ପୂରଣ ନ ହେଲେ କୋରାପୁଟ ବନ୍ଦ ଚେତାବନୀ



ଯେଉଁମାନେ ଲୋକଙ୍କର ମଙ୍ଗଳ ପାଇଁ କାମ କରିଯାଇଥାନ୍ତି, ସେମାନେ କେବେହେଲେ ଅନ୍ୟମାନଙ୍କର ପ୍ରଶଂସା ପାଇଁ ଅପେକ୍ଷା ରଖନ୍ତି ନାହିଁ।
- ସିଡ୍‌ନୀ ସେଲ୍‌ଡନ

## ସଂକ୍ଷେପରେ



### ରେଳ ଲାଇନ୍ କଡ଼ରୁ ଶିଶୁକନ୍ୟା ଉଦ୍ଧାର

ମୁନିଗୁଡ଼ା,୯।୧୦(ଡି.ଏନ୍.ଏ.): ରାୟଗଡ଼ା ଜିଲା ମୁନିଗୁଡ଼ା ଷ୍ଟେଶନରୁ କିଛି ଦୂର ରେଳ ଫାଟକ ନିକଟରୁ ଜଣେ ନବଜାତ ଶିଶୁକନ୍ୟା ଉଦ୍ଧାର କରାଯାଇଛି । ଏହାକୁ ସ୍ଥାନୀୟ ଟିକରପଡା ସାହିର ହସ୍ତିନୀ ନାଗ ଉଦ୍ଧାର କରିଛନ୍ତି । ସୋମବାର ରାତିରେ ରେଳ ଲାଇନ କଡରେ ଶିଶୁ କନ୍ୟାଟି କାନ୍ଦୁଥିବା ସେ ଶୁଣିବାକୁ ପାଇଥିଲେ । ସାହିର କିଛି ମହିଳା ରେଳ ଲାଇନ କଡକୁ ଯାଇ ଉକ୍ତ ଶିଶୁ କନ୍ୟାକୁ ଉଦ୍ଧାର କରିଥିଲେ । ତାଙ୍କ ଘରେ ଶିଶୁ କନ୍ୟା ନ ଥିବାରୁ ସେ ଶିଶୁ କନ୍ୟାକୁ ରଖି ଲାଳନପାଳନ କରିବେ ବୋଲି କହିଛନ୍ତି ।

### ଅଘୋଷିତ ବିଦ୍ୟୁତ୍ କାଟ ନେଇ ଅସନ୍ତୋଷ

ଟିକିରି,୯।୧୦(ଡି.ଏନ.ଏ): ରାୟଗଡ଼ା ଜିଲା କାଶୀପୁର ବ୍ଲକ ଟିକିରିରେ ଅଘୋଷିତ ବିଦ୍ୟୁତ୍ କାଟ ହେଉଛି । ଫଳରେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଛି । ଦିନକୁ ଦୁଇଥର ଲେଖାଏଁ ୧ ଘଣ୍ଟା ଧରି ବିଦ୍ୟୁତ୍‌କାଟ ହେଉଛି । ଅଗକୁ ପରୀକ୍ଷା ଥିବାରୁ ଏପରି ବାରମ୍ବାର ବିଦ୍ୟୁତ୍‌କାଟ ଯୋଗୁ ପିଲାମାନେ ପାଠପଢାରେ ଅସୁବିଧା ଭୋଗୁଛନ୍ତି ।

### ଗୋପବନ୍ଧୁ ଜୟନ୍ତୀ ପାଳିତ

ଟିକିରି,୯।୧୦(ଡି.ଏନ.ଏ): ରାୟଗଡ଼ା ଜିଲା କାଶୀପୁର ବ୍ଲକ ଟିକିରିସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ମଙ୍ଗଳବାର ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଗୋପବନ୍ଧୁଙ୍କ ଜୀବନୀ ଉପରେ ଅତିଥିମାନେ ଆଲୋକପାତ କରିଥିଲେ । ଏଥିରେ ଶିଶୁ ବିଦ୍ୟାମନ୍ଦିର ପ୍ରଧାନଆଚାର୍ଯ୍ୟ ଅଭିମନ୍ୟୁ ସାହୁ, ଗୁରୁଜୀ କିଶୋର ବେହେରା, ବିଶ୍ୱମୋହନ ମହାନ୍ତି, ଶରତଚନ୍ଦ୍ର ସାମଲ, ବଦ୍ରିନାରାୟଣ ମାଦଳା, ରବିନ୍ଦ୍ର ମାଝି, ଗୁରୁମା ସାଗରିକା ଦାଶ ମଞ୍ଚ ପରିଚାଳନା କରିଥିଲେ । ଗୁରୁମା ତପସ୍ୱିନୀ ବେହେରା, ଉମା ପ୍ରିୟଦର୍ଶିନୀ ମିଶ୍ର, ମିନାକ୍ଷୀ ଦଣ୍ଡସେନା, ସାଗରିକା ପରିଡ଼ା, ସାଗରିକା ନାୟକ, ସୁନିତା ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

### ରକ୍ତଭଣ୍ଡାର ପରିଚାଳନା କମିଟି ଗଠିତ

ଗୁଣପୁର,୯।୧୦(ଡି.ଏନ.ଏ): ରାୟଗଡା ଜିଲା ଗୁଣପୁର ରକ୍ତଭଣ୍ଡାରର ପରିଚାଳନା କମିଟି ଦୀର୍ଘ ବର୍ଷ ପରେ ପୁନଃ ଗଠିତ ହୋଇଛି । ଏହି କମିଟିକୁ ଉପଜିଲାପାଳ ତଥା ବ୍ଲଡ ବ୍ୟାଙ୍କର ସଭାପତି ଗତ ୫ ତାରିଖରେ ମଞ୍ଜୁରି ପ୍ରଦାନ କରିଛନ୍ତି । ଏହିକ୍ରମରେ ବ୍ଲଡବ୍ୟାଙ୍କ ଅଫିସର ଭାବେ ଡ.ସିଏଚ. ବସନ୍ତ ରହିଥିବାବେଳେ ଡ.ବିଶ୍ୱମ୍ଭର ବେହେରା, ଅଧାପିକା ଡ.ଜୟଶ୍ରୀ ଜେଟି, ପୌର ପରିଷଦ ଅଧକ୍ଷା କବିତା ଶବର, ଜିଆଇଇଟିର ଡିନ ପ୍ରଶାସନିକ ଡ.ଏନ.ଭି.ଜେରାଓ, ଏନଏସଏସର ଜିଲା କାର୍ଯ୍ୟକ୍ରମ ଅଧିକାରୀ ତଥା ଗୁଣପୁର କଲେଜ ଅଧାପକ ଶଶୀଭୂଷଣ ମହାନ୍ତି, ସତ୍ୟ ସାଇ ପରିଚାଳନା କମିଟି ଆବାହକ ଏମ.ଆର.ପଟ୍ଟନାୟକ, ଯୁକ୍ତ ଦଇ ମହିଳା ମହାବିଦ୍ୟାଳୟ ଅଧକ୍ଷା ସୁଜାତା ଦାସ, ଲାୟନ୍ସ କ୍ଲବ ସଭାପତି ସୁମନ ପାତ୍ର, ସାମାଜିକ କର୍ମୀ ଅକ୍ଷୟ ଦାସ, ବହୁଳ ସଂଖ୍ୟାରେ ରକ୍ତ ଦାନ ଶିବିର ଆୟୋଜନ କରିଥିବା ଏସ.ଶିବାଜି ଏବଂ ବହୁତ ରକ୍ତ ଦାନ କରିଥିବା ଏନ.ସନ୍ତୋଷ କୁମାର ଏହାର ସଦସ୍ୟ ଭାବେ ମନୋନୀତ ହୋଇଥିବା ଗୁଣପୁର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ କୁହାଯାଇଛି । ଏହାର ପ୍ରଥମ ବୈଠକ ୧୨ ତାରିଖରେ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର ଠାରେ ହେବ ବୋଲି ନିଷ୍ପତ୍ତି ହୋଇଛି ।

### ମଦ ଜବତ:ମହିଳା ଗିରଫ

ପାରଳାଖେମୁଣ୍ଡି, ୯।୧୦(ସ୍ୱ.ପ୍ର.): ଗଜପତି ଜିଲା ପାରଳାଖେମୁଣ୍ଡି ଥାନା ପକ୍ଷରୁ ପାଟ୍ରୋଲିଂ ବେଳେ ସହର ଉପକଣ୍ଠସ୍ଥ ଗୁମ୍ମାଗଡା ନିକଟରୁ ଜଣେ ମହିଳାଙ୍କ ନିକଟରୁ ୪୫ ପ୍ୟାକେଟ ଚୋରା ଦେଶୀମଦ ଜବତ ହୋଇଛି । ବେଆଇନ ଭାବେ ମଦ କାରବାର ଅଭିଯୋଗରେ ସମ୍ପୃକ୍ତ ମହିଳା ପାରଳା ଜାଗିଲି ସାହିର ବାସିନ୍ଦା ଟି.ସୁଜାତା (୩୨)ଙ୍କୁ ଗିରଫ କରାଯାଇଛି। ମଙ୍ଗଳବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏ ନେଇ କେସ୍ ନଂ. ୨୦୦/୧୮ ରୁଜୁ ହୋଇଥିବା ଏଏସ୍‌ଆଇ ଦିବାକର ପ୍ରଧାନ କହିଛନ୍ତି ।

■ ୨ଟି ସ୍ଥାନରେ ବିଦ୍ୟାଳୟ ମିଶ୍ରଣକୁ ବିରୋଧ

# ବିଇଓ ଅଫିସ୍‌ରେ ତାଲା ପକାଇଲେ ଅଭିଭାବକ

କାଶୀନଗର, ୯।୧୦(ଡି.ଏନ.ଏ.)

ଗଜପତି ଜିଲା କାଶୀନଗରସ୍ଥ ମାଜଲା ସାହି ସ୍କୁଲ ସହ ହରିଜନ ସାହି ଉ.ପ୍ରା. ବିଦ୍ୟାଳୟର ମିଶ୍ରଣକୁ ଅଭିଭାବକ ତଥା ହରିଜନ ସାହି ବାସିନ୍ଦା ବିରୋଧ କରିଛନ୍ତି। ଏ ନେଇ ସେମାନେ ମଙ୍ଗଳବାର ସେମାନେ ବ୍ଲକ ଶିକ୍ଷାଧିକାରୀ (ବିଇଓ)ଙ୍କ କାର୍ଯ୍ୟାଳୟରେ ତାଲା ପକାଇଛନ୍ତି। ସେହିପରି ଗତ ୯ଦିନ ହେଲା ବିଦ୍ୟାଳୟରେ ତାଲା ପକାଇଥିବା ବେଳେ ନିଜ ପିଲାଙ୍କୁ ପାଠ ପଢିବାକୁ ଛାଡୁନାହାନ୍ତି। ସମସ୍ୟା ସମାଧାନ ଦିଗରେ ପ୍ରଶାସନ ନୀରବଦ୍ରଷ୍ଟା ସାଜିଥିବା ସେମାନେ ଅଭିଯୋଗ ଆଣିଛନ୍ତି। ସେହିପରି ସ୍ଥାନୀୟ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ (କେଜିବିଭି)ର ଛାତ୍ରୀମାନେ ପଢୁଥିବା ବ୍ଲକ କଲୋନୀ ଉ.ପ୍ରା. ବିଦ୍ୟାଳୟ ସହ ବାରାଣସୀ ହାଇସ୍କୁଲର ମିଶ୍ରଣକୁ ମଧ ସମ୍ପୃକ୍ତ ଅଭିଭାବକମାନେ ବିରୋଧ କରି ଆନ୍ଦୋଳନ ଜାରି ରଖିଛନ୍ତି। ସେମାନଙ୍କୁ ସମର୍ଥନ ଜଣାଇ ଛାତ୍ରୀମାନେ ଗତ ୭ଦିନ ହେଲା ସ୍କୁଲକୁ ଯାଉନାହାନ୍ତି। ସୂଚନା ଅନୁଯାୟୀ, ଉକ୍ତ ଘଟଣାକୁ ନେଇ ହରିଜନ ସାହି ବାସିନ୍ଦା ମଙ୍ଗଳବାର ବିଇଓ ଅଫିସ୍‌କୁ ଆଲୋଚନା ପାଇଁ ଯାଇଥିଲେ। ମାତ୍ର ବିଇଓ ଅନୁପସ୍ଥିତ ଥିବା ଦେଖି ଅସନ୍ତୋଷ ପ୍ରକାଶ କରି କର୍ମଚାରୀମାନଙ୍କୁ ବାହାରକୁ ଡାକି ଅଫିସରେ ତାଲା ପକାଇଥିଲେ। ଅଭିଭାବକମାନେ କହିଛନ୍ତି ଯେ, ପୂର୍ବରୁ ପ୍ରଶାସନକୁ ସମସ୍ତ ବିଷୟ ଅବଗତ କରାଇଥିଲୁ। ମାତ୍ର ପଦକ୍ଷେପ ନିଆଗଲା ନାହିଁ। ଆମ ପିଲାମାନେ ଦୀର୍ଘ ୯ଦିନ ହେଲା ପାଠପଢାରୁ ବଞ୍ଚିତ ଅଛନ୍ତି। ତେଣୁ ଆମେ ତାଲା ପକାଇଲୁ । ସମସ୍ୟା ସମାଧାନ ନ ହେବା ପର୍ଯ୍ୟନ୍ତ ତାଲା ଖୋଲା ଯିବନାହିଁ। ସେହିପରି ସୋମବାର ଖାଦ୍ୟ ସୁରକ୍ଷା ଯୋଜନାରେ ରାଶନ କାର୍ଡ ବଣ୍ଟନ ପାଇଁ ପଦାଧିକାରୀମାନେ କାଶୀନଗର ଆସିଥିବା ବେଳେ କେଜିବିଭିର ୧୦୦ ଜନଜାତି ଛାତ୍ରୀଙ୍କ ଅଭିଭାବକମାନେ ସେମାନଙ୍କୁ ଭେଟି ଦାବିପତ୍ର ଦେଇଥିଲେ। ମାତ୍ର ଏପର୍ଯ୍ୟନ୍ତ ପଦକ୍ଷେପ ନିଆଗଲା ନାହିଁ। ଅନ୍ୟପଟେ ନିରାପତ୍ତା ବିପନ୍ନ ହେଉଥିବା ଓ ନିମ୍ନମାନର ଖାଦ୍ୟ ମିଳୁଥିବା ଅଭିଯୋଗ ଆଣି ଛାତ୍ରୀମାନେ ଗତ ୭ଦିନ ହେଲା ସ୍କୁଲ ନଯାଇ ହଷ୍ଟେଲରେ ରହିଛନ୍ତି। ଅଭିଭାବକମାନେ କହିଛନ୍ତି ଯେ, କୌଣସି ଅଧିକାରୀ ପିଲାମାନଙ୍କ ସମସ୍ୟା ନ ବୁଝିବା ଅତି ଦୁଃଖର କଥା। ଏଥିରୁ ଜନଜାତିମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ସରକାରଙ୍କ ଆନ୍ତରିକତା ଥିବା ଭଳି ମନେ ହେଉନାହିଁ। ପିଲାଙ୍କ ଭବିଷ୍ୟତ ନଷ୍ଟ ପାଇଁ ପ୍ରଶାସନ ଦାୟୀ ରହିବ। ଯଦି ଖୁବ୍‌ଶିଘ୍ର ଦାବି ପୂରଣ ନ ହୁଏ ତାହାଲେ ବଡଧରଣର ଆନ୍ଦୋଳନ ହେବ।

**୭ଦିନ ହେଲା ସ୍କୁଲ ଯାଉନାହାନ୍ତି କେଜିବିଭି ଛାତ୍ରୀ**



ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଅଭିଭାବକମାନେ ତାଲା ପକାଇଛନ୍ତି।

■ପୁଣି ରେଳ ଚଳାଚଳରେ ସମସ୍ୟା

# ଖୋର୍ଦ୍ଧା ଯାଏ ଚାଲିବ ଗୁଣପୁର-ପୁରୀ ଟ୍ରେନ

ଗୁଣପୁର,୯।୧୦(ଡି.ଏନ.ଏ)

ସେପ୍ଟେମ୍ବରରେ ଦୁଇଟି ପର୍ଯ୍ୟାୟରେ ଦୀର୍ଘ ୧୬ ଦିନ ଧରି ପୁରୀରୁ ଗୁଣପୁର ଏବଂ ଗୁଣପୁରରୁ ପୁରୀକୁ ଟ୍ରେନ ଚଳାଚଳ ବନ୍ଦ ରହିଥିଲା। ପୁଣି ଥରେ ଏହି ଟ୍ରେନ ୧୫ ଦିନ ଧରି ପୁରୀ ପରିବର୍ତ୍ତେ ଖୋର୍ଦ୍ଧା-ଗୁଣପୁର ମଧ୍ୟରେ ଚଳାଚଳ କରିବ । ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ସେପ୍ଟେମ୍ବରରେ ପ୍ରଥମ ପର୍ଯ୍ୟାୟରେ ଗୁଣପୁରକୁ ଆସୁଥିବା ବିଭିନ୍ନ ଟ୍ରେନ ଯଥା ଗୁଣପୁର-ପୁରୀ,ପୁରୀ -ଗୁଣପୁର ଏବଂ ପଲାସା -ଗୁଣପୁର ,ଗୁଣପୁର - ପଲାସା ଏପରି ଦୁଇ ଯୋଡା ଟ୍ରେନ ୧୦ ରୁ ୧୯ ତାରିଖ ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ୨୫ ତାରିଖ ପର୍ଯ୍ୟନ୍ତ ଏପରି ମୋଟ ୧୬ ଦିନ ଧରି ଟ୍ରେନ ଚଳାଚଳ ବନ୍ଦ ରହିଥିଲା । ଫଳରେ ଯାତ୍ରୀମାନେ ବହୁ ହଇରାଣ ହରକତ ହୋଇଥିଲେ। ବିଭିନ୍ନ ସଂଗଠନ ପକ୍ଷରୁ ପୂର୍ବତଟ ରେଳପଥ ମହାପ୍ରବନ୍ଧକ ଏବଂ ବିଶାଖାପାଟଣା ଡିଆରଏମଙ୍କୁ ଦାବି ଜଣାଯାଇଥିଲେ । ଶେଷରେ ରେଳବିଭାଗ ଏ ଦିଗରେ ତତ୍ପରତା ଦେଖାଇ ସେପ୍ଟେମ୍ବର ୧୬ ତାରିଖରୁ ଗୁଣପୁର-ପୁରୀ ଟ୍ରେନକୁ ସାମୟିକ ଭାବେ ବ୍ରହ୍ମପୁର ପର୍ଯ୍ୟନ୍ତ ଚଳାଚଳ କରିଥିଲେ । ପ୍ରଥମେ ବିଶାଖାପାଟଣା ନିକଟ କତାଭାଲସାଠାରେ ସିଗନାଲିଂ ମରାମତି କାର୍ଯ୍ୟ ପାଇଁ ଗୁଣପୁରକୁ ଆସୁଥିବା ଟ୍ରେନଗୁଡିକ ବନ୍ଦ ରହିବ ବୋଲି କୁହାଯାଇଥିଲା । ସେହିପରି ୨ୟ ପର୍ଯ୍ୟାୟରେ ପୁରୀ ଷ୍ଟେଶନରେ ଆଧୁନିକୀକରଣ କାର୍ଯ୍ୟ ପାଇଁ ଉପରୋକ୍ତ ଟ୍ରେନଗୁଡିକ ଚଳାଚଳ ବନ୍ଦ ହୋଇଥିଲା । ଏପରି ଦୁଇଟି ପର୍ଯ୍ୟାୟରେ ଟ୍ରେନଗୁଡିକ ୧୬ ଦିନ ଧରି ଚଳାଚଳ ବନ୍ଦ ରହିଥିଲା । ପୁଣି ଥରେ ୩ୟ ପର୍ଯ୍ୟାୟରେ ୯ ତାରିଖରୁ ୨୩ତାରିଖ ପର୍ଯ୍ୟନ୍ତ ପୁରୀ ଷ୍ଟେଶନରେ ମରାମତି କାର୍ଯ୍ୟ ଯୋଗୁ ରେଳ ଚଳାଚଳ ବନ୍ଦ ରହିବ ବୋଲି ପୂର୍ବତଟ ରେଳପଥ ପକ୍ଷରୁ ସ୍ଥିର ହୋଇଛି । ଏହି ୧୫ ଦିନ ସମୟ ଗୁଣପୁର-ପୁରୀ ଏବଂ ପୁରୀ-ଗୁଣପୁର ଟ୍ରେନ ଖୋର୍ଦ୍ଧା ପର୍ଯ୍ୟନ୍ତ ଚଳାଚଳ କରିବ ବୋଲି ଜଣାପଡିଛି ।

# ପ୍ରତିଶ୍ରୁତି ପରେ ହଟିଲା ରାସ୍ତାରୋକୋ

ଚନ୍ଦ୍ରପୁର,୯।୧୦(ଡି.ଏନ୍.ଏ.)

ରାୟଗଡା ଜିଲା ଚନ୍ଦ୍ରପୁର ବ୍ଲକର ମୁନାରଗାଁ ନିକଟରେ ସୋମବାର ବିଦ୍ୟୁତ୍ ଆଘାତରେ ମାନସ ଦୋରାଙ୍କ ମୃତ୍ୟୁ ହୋଇଥିଲା । ପରେ କ୍ଷତିପୂରଣ ଦାବିରେ ପରିବାର ଲୋକେ ଓ ଗ୍ରାମବାସୀ ରାସ୍ତାରୋକୋ କରିଥିଲେ। ସନ୍ଧ୍ୟାରେ ବିଦ୍ୟୁତ୍ ବିଭାଗ ଏସ୍‌ଡିଓ ବିଜୟ ଶଙ୍କର ପଣ୍ଡା ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। ପରେ ଗ୍ରାମବାସୀ ରାସ୍ତାରୋକୋ ପ୍ରତ୍ୟାହାର କରି ମୃତଦେହକୁ ବ୍ୟବଚ୍ଛେଦ ନିମନ୍ତେ ପଠାଇଥିଲେ । ମାନସଙ୍କ ଭାଇଙ୍କୁ ବିଦ୍ୟୁତ୍ ବିଭାଗରେ ଚାକିରି ଦେବା ପାଇଁ ଦାବି ହୋଇଛି। ଏ ସମ୍ପର୍କରେ ବିଦ୍ୟୁତ୍ ବିଭାଗର ଏସ୍‌ଡିଓଙ୍କଠାରୁ ଏକ ଲିଖିତ ଚୁକ୍ତିନାମା ପାଇଛୁ ବୋଲି ମାନସଙ୍କ ପରିବାର ବର୍ଗ କହିଛନ୍ତି। ଏ ସମ୍ପର୍କରେ ବିଦ୍ୟୁତ୍ ବିଭାଗର ଏସ୍‌ଡିଓ ପଣ୍ଡାଙ୍କୁ ପଚାରିବାରୁ, ଲିଖିତ ଚୁକ୍ତିନାମା ଦିଆଯାଇଛି । ସରକାରଙ୍କ ନିୟମାନୁଯାୟୀ କିଛି ସମୟ ଲାଗିବ । ଆମେ ଚେଷ୍ଟା କରୁଛୁ ବୋଲି କହିଛନ୍ତି।

### ବଳାତ୍କାର ଘଟଣାରେ ୨ ଗିରଫ

ଆମ୍ବାଦୋଳା,୯।୧୦(ଡ଼ି.ଏନ.ଏ)

ଆମ୍ବାଦୋଳା ଥାନା ଅନ୍ତର୍ଗତ ଶିବପଦର ପଞ୍ଚାୟତର ଗଦିଗୁଆଁ ଅଞ୍ଚଳର ଜଣେ ମାନସିକ ବିକୃତ ଯୁବତୀଙ୍କୁ ବଳାତ୍କାର କରିବା ଅଭିଯୋଗରେ ପୋଲିସ ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ରାଜାରାଓ ଗୋତେ ଓ ଡ଼ମ୍ବରୁ ଗୋତେ। ଯୁବତୀଙ୍କ ବାପା ମାଆ ନିକଟସ୍ଥ ବଗିଚା ଜଗିବା ପାଇଁ ଯାଇଥିଲେ । ଯୁବତୀ ଜଣକ ଘରେ ଏକୁଟିଆ ଥିବାର ସୁଯୋଗ ନେଇ ଉକ୍ତ ୨ ଜଣ ତାଙ୍କୁ ବଳାତ୍କାର କରିଥିଲେ । ଫଳରେ ସେ ଗର୍ଭବତୀ ହୋଇଥିଲେ। ଏହା ଜଣାପଡ଼ିବା ପରେ ଏନେଇ ଗ୍ରାମରେ ବୈଠକ ହୋଇଥିଲା। ବୈଠକରେ ରାଜାରାଓ ନିଜର ଦୋଷ ମାନିଥିଲେ। ପରେ ଦୁହେଁ ବିବାହ କରିବେ ବୋଲି ନିଷ୍ପତ୍ତି ହୋଇଥିଲା । ଉକ୍ତ ଯୁବତୀଙ୍କୁ ରାଜାରାଓ ଘରକୁ ନେଇ ତାଙ୍କୁ ଖାଇବାକୁ ନ ଦେଇ ଏକ ଘରେ ବନ୍ଦ କରି ରଖିଥିଲେ। ଯୁବତୀଙ୍କ ପରିବାର ଲୋକେ ଏହା ଜାଣିବା ପରେ ସେମାନେ ରାଜାରାଓଙ୍କୁ ଆସି ପଚାରିଥିଲେ । ମୁଁ ଏକା ତାଙ୍କୁ ବଳାତ୍କାର କରି ନ ଥିଲି। ଡ଼ମ୍ବରୁ ମଧ୍ୟ ଏଥିରେ ସମ୍ପୃକ୍ତ ଥିବା କହିଥିଲେ । ଏନେଇ ଯୁବତୀଙ୍କ ବାପା ଥାନାରେ ଅଭିଯୋଗ କରିଥିଲେ ।

# ଡାକ୍ତରଙ୍କ ଧାରଣା ଦ୍ୱିତୀୟ ଦିନରେ



ଡାକ୍ତରମାନେ ଧାରଣାରେ ବସିଛନ୍ତି ।

ରାୟଗଡା ଅଫିସ୍, ୯।୧୦

୭ଦଫା ଦାବି ନେଇ ରାୟଗଡା ଜିଲା ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରାଙ୍ଗଣରେ ଚାଲିଥିବା ଡାକ୍ତରଙ୍କ ଧାରଣା ମଙ୍ଗଳବାର ଦ୍ୱିତୀୟ ଦିନରେ ପହଞ୍ଚିଛି । ଏଥିରେ ରାୟଗଡା ଜିଲା ଡାକ୍ତର ସଂଘ ସଭାପତି ଡା. ପବନ କୁମାର ସାହୁକାର, ସମ୍ପାଦକ ଡା. ଏମ୍.ଏ ମଜିଦ, ସାଉଥ୍ ଜୋନ୍‌ର ସାଧାରଣ ସମ୍ପାଦକ ଡା. ପି.କେ ସୁବୁଦ୍ଧିଙ୍କ ନେତୃତ୍ୱ ନେଉଛନ୍ତି । ଓଏମ୍ ଏଣ୍ଡ୍ ଏଚ୍‌ଏସ୍ କ୍ୟାଡର ଡାକ୍ତରଙ୍କ ପାଇଁ କେନ୍ଦ୍ରୀୟ ହାରରେ ଡିଏସିପି ପ୍ରଦାନ, ଡାକ୍ତରଖାନାରେ ସୁରକ୍ଷା ବ୍ୟବସ୍ଥା କଡାକଡି କରି ଡାକ୍ତରଙ୍କୁ ନିର୍ଭୟରେ କାର୍ଯ୍ୟ କରିବାକୁ ସୁଯୋଗ ଦେବା, ଠିକା ଓ ଅସ୍ଥାୟୀ ଡାକ୍ତରଙ୍କୁ ସ୍ଥାୟୀ ନିଯୁକ୍ତି, ୨୦୧୮ ଓଏମ୍ ଏଣ୍ଡ୍ ଏଚ୍‌ଏସ୍ କ୍ୟାଡର ରୁଲ୍ ପ୍ରତ୍ୟାହର, ଓମ୍‌ସା ସହ ଆଲୋଚନା ଓ ସଂଶୋଧନ ପରେ ପ୍ରଚଳନ, ଓଏମ୍ ଏଣ୍ଡ୍ ଏଚ୍‌ଏସ୍ ଡାକ୍ତର ଓ ଡେଣ୍ଟାଲ ସର୍ଜନଙ୍କ ପାଇଁ କ୍ୟାଡର ପୁର୍ନଗଠନ, ଅବସର ବୟସସୀମା ୬୨ବର୍ଷରୁ ବୃଦ୍ଧିକୁ ବିରୋଧ, କାର୍ଯ୍ୟ ସମୟ ନିର୍ଘଣ୍ଟ, ଜବ୍‌ଚାର୍ଟ ପ୍ରଚଳନ ସହ ଅନ୍ୟ ସରକାରୀ କର୍ମଚାରୀଙ୍କ ଭଳି ଛୁଟିଦିନ ଉପଭୋଗର ସୁବିଧା, ପାରଦର୍ଶୀ ବଦଳି ନୀତି ପ୍ରଚଳନ ଆଦି ଦାବି କରିଛନ୍ତି ।

# ଦୁର୍ଗାପୂଜା ନେଇ କଳସ ଶୋଭାଯାତ୍ରା

ଆମ୍ବାଦୋଳା,୯।୧୦(ଡ଼ି.ଏନ.ଏ)

ଦୁର୍ଗା ପୂଜା ଉପଲକ୍ଷେ ଆମ୍ବାଦୋଳାଠାରେ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଡ଼ାବା ନାଳ ନିକଟରେ ପୂଜାର୍ଚ୍ଚନା କରାଯିବା ପରେ ଶୋଭାଯାତ୍ରା ବାହାରିଥିଲା । ବାଜା ବଜାଇ ମା' ଦୁର୍ଗାଙ୍କୁ ପାଛୋଟି ଆଣିଥିଲେ । ଏଥିରେ ବିଧାୟକ ଜଗନ୍ନାଥ ସାରକା,ରାଜ୍ୟ ଯୋଜନାବୋର୍ଡ଼ ସଦସ୍ୟ ସୁଧିର କୁମାର ଦାସ, ରାଜ୍ୟ ବିଜେଡ଼ି ସମ୍ପାଦକ ପୃଥିରାଜ ସାହୁ, ଜ୍ୟୋତି ପ୍ରସାଦ ସାହୁ, ବି.ଇନ୍ଦିରା ପାତ୍ର ଅତିଥି ଭାବେ ଯୋଗ ଦେଇଥିଲେ । ଆମ୍ବାଦୋଳା, ରାଣିପିଣ୍ଡା,ଇଛାପୁର, ରଘୁବାରି, ଡ଼ିମିରିଗୁଡ଼ା, କଳାହାଣ୍ଡିର ଲାଞ୍ଜିଗଡ଼ ବ୍ଲକର ବହୁ ଲୋକ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ଧୀରେନ୍ଦ୍ର ପାଣିଗ୍ରାହୀ, କେ. ସନ୍ତୋଷ, ଦେବୀପ୍ରସାଦ ମୁଖାର୍ଜୀ, ବିନୟ ପଣ୍ଡା,ସନି ଶର୍ମା, ସୁବାସ ସେନାପତି, ଜଗନ୍ନାଥ ଆଚାରୀ ପ୍ରମୁଖ ପରିଚାଳନା କରିଥିଲେ ।



ଆମ୍ବାଦଳାଠାରେ ବାହାରିଥିବା କଳସ ଶୋଭାଯାତ୍ରା ।

### ସରିଲା ପ୍ରଚାର

ପାରଳାଖେମୁଣ୍ଡି, ୯।୧୦(ସ୍ୱ.ପ୍ର.)

ଛାତ୍ର ସଂସଦ ନିର୍ବାଚନ ପାଇଁ ମଙ୍ଗଳବାର ପ୍ରଚାରର ଶେଷ ଦିନ ଥିଲା। ତେଣୁ ଗଜପତି ଜିଲା ପାରଳାଖେମୁଣ୍ଡିସ୍ଥିତ ଏସ୍‌କେସିଜି କଲେଜରେ ଜୋରଦାର ପ୍ରଚାର କରାଯାଇଥିଲା। ସଭାପତି ପାଇଁ ଲଢୁଥିବା ଯଶବନ୍ତ ନାୟକ ଓ ବିବେକାନନ୍ଦ ଶତପଥି ନିଜ ସମର୍ଥକମାନଙ୍କୁ ଧରି ପ୍ରଚାର କରିଥିଲେ। ଉଭୟ ପ୍ରାର୍ଥୀ ଜିତିଲେ କଲେଜର ବିଭିନ୍ନ ସମସ୍ୟା ସମାଧାନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।

# ୮୯ ଅଭିଯୋଗ ଶୁଣିଲେ ଜିଲାପାଳ

ଗୁଡାରୀ, ୯।୧୦ (ଡି.ଏନ୍.ଏ.)

ରାୟଗଡ଼ା ଜିଲା ଗୁଡାରୀ ବ୍ଲକ ପରିସରରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏହି ଶୁଣାଣିରେ ଜିଲାପାଳ ଗୁହା ପୁନମ ତାପସ କୁମାର ଯୋଗ ଦେଇ ୮୯ଟି ଅଭିଯୋଗ ଶୁଣିଥିଲେ । ଏଥିସହ ଦୁଇଜଣଙ୍କୁ ସ୍ୱାସ୍ଥ୍ୟଗତ ସମସ୍ୟା ନେଇ ଦଶ ହଜାର ଟଙ୍କା ଲେଖାଏଁ ଚେକ୍ ପ୍ରଦାନ କରିଥିଲେ । ଗୁଡାରୀ ବିଡ଼ିଓ ଲୁକାସ ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶୁଣାଣିରେ ଗୁଣପୁର ଉପଜିଲାପାଳ ଅମ୍ରିତ ଋତୁରାଜଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ । ପରେ ଜିଲାପାଳ ବାମୁଣୀଡ଼ଙ୍ଗର ଗାଁ ନିକଟରେ ନବନିର୍ମିତ ହୋଇଥିବା କାଜୁ କଳକୁ ଉଦ୍‌ଘାଟନ କରିଥିଲେ । ଏହାକୁ ନିକଟସ୍ଥ ଗାଁର ଅନେକ ଲୋକ ଜୀବିକା ନିର୍ବାହ କରିବେ ବୋଲି ମତପ୍ରକାଶ କରିଥିଲେ । ଏହି କାର୍ଯ୍ୟକ୍ରମରେ ଏମପି ପ୍ରତିନିଧି କେ. ରାମକ୍ରିଷ୍ଣା, ବ୍ଲକ ଅଧକ୍ଷା ଶାନ୍ତି ଦାସ ପ୍ରମୁଖ ଯୋଗ ଦେଇଥିଲେ।

# ମହିଳା ସ୍ୱାସ୍ଥ୍ୟକର୍ମୀ ସଂଘର ବୈଠକ

ରାୟଗଡା ଅଫିସ୍, ୯।୧୦

ରାୟଗଡା ଜିଲା ମହିଳା ସ୍ୱାସ୍ଥ୍ୟକର୍ମୀ ସଂଘର ଏକ ଜରୁରୀ ବୈଠକ ରାୟଡାସ୍ଥିତ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି । ସଂଘ ସଭାପତି ବୈଜୟନ୍ତୀ ଖଟୁଆ, ସମ୍ପାଦକ ସଞ୍ଜୁକ୍ତା ଶତପଥୀ ତଥା ସଂଘର ଅନ୍ୟାନ୍ୟ ଆଗଧାଡିର ନେତା ପ୍ରଭାବତୀ ନାୟକ, ମଞ୍ଜୁବାଳା ପାଳ, ପୁଷ୍ପା, ପ୍ରଭାତୀ ଜେନା ତଥା ଜିଲାର ସମସ୍ତ ମହିଳା ସ୍ୱାସ୍ଥ୍ୟକର୍ମୀ ଯୋଗ ଦେଇଥିଲେ । ଆର୍‌ଏସିପିର ତ୍ରୁଟି ସୁଧାରକରି କାରଣ ଦର୍ଶାଅ ସିଡିଏମ୍‌ଓ ଓ ସିଏଚ୍‌ଇ ଡିଡିଓଙ୍କୁ ତୁରନ୍ତ ପଠାଇବା, ପଦୋନ୍ନତି କ୍ଷେତ୍ରରେ ନିର୍ଦ୍ଦେଶକ ଠିକ୍ ସମୟରେ କମିଟି ନ ବସାଇବା, ଗ୍ରେଡ୍ ପେ ୨ହଜାର ଟଙ୍କାରୁ ୨୮୦୦ଟଙ୍କା କରିବା, କେବିକେ ଆଲାଉନ୍ସ ଦେବା, ଘରଭଡା ୨୫୦ଟଙ୍କାରୁ ୨୫୦୦କରିବା, ଗସ୍ତ ଖର୍ଚ୍ଚ ୨୦୦ଟଙ୍କାରୁ ୧୫୦୦ଟଙ୍କା କରିବା, କ୍ୟାଡର ରାଲିର ସଂଶୋଧନ କରାଯାଉ, ଠିକା ଏଏନ୍‌ଏମ୍ ପୋଷ୍ଟିଂ ବନ୍ଦ କରାଯାଇ ଏବଂ ସ୍ଥାୟୀ ନିଯୁକ୍ତି ଦିଆଯାଉ ଆଦି ଦାବି ନେଇ ଆଲୋଚନା ହୋଇଥିଲା। ଦାବିଗୁଡିକ ଯଥାଶୀଘ୍ର ପୂରଣ କରିବା ପାଇଁ ସଂଘ ପକ୍ଷରୁ ଅନୁରୋଧ କରାଯାଇଛି।

# ପ୍ରଶାସନ ଓ ପୋଲିସର ଦ୍ୱାରସ୍ଥ ଚାଷୀ

ପାରଳାଖେମୁଣ୍ଡି, ୯।୧୦(ସ୍ୱ.ପ୍ର.)

ଗଜପତି ଜିଲା ପାରଳାଖେମୁଣ୍ଡି ସହର ଉପକଣ୍ଠ ଝାମି ଗ୍ରାମର ୩୦ରୁ ଊର୍ଦ୍ଧ୍ୱ ଚାଷୀ ଫସଲ ନଷ୍ଟ ଅଭିଯୋଗ ନେଇ ମଙ୍ଗଳବାର ପ୍ରଶାସନ ଓ ପୋଲିସର ଦ୍ୱାରସ୍ଥ ହୋଇଛନ୍ତି। କୃଷକ ନେତା ସୂର୍ଯ୍ୟନାରାୟଣ ପଟ୍ଟନାୟକଙ୍କ ନେତୃତ୍ୱରେ ଏହି ଚାଷୀମାନେ ପାରଳାଖେମୁଣ୍ଡି ଥାନା ଅଧିକାରୀ ବାବୁଲି ନାୟକଙ୍କୁ ଭେଟି ଏକ ଅଭିଯୋଗପତ୍ର ଦେଇଛନ୍ତି। ଏଥିରେ ଦର୍ଶାଇଛନ୍ତି, ସେମାନଙ୍କ ଜମିର ଫସଲକୁ ଗୋରୁ ନଷ୍ଟ କରିଦେଉଛନ୍ତି। ତେବେ ପାରଳାଖେମୁଣ୍ଡିର ଜଣେ ମହିଳା ତାଙ୍କ ଗାଇ ବାଛୁରୀ ହଜିଯିବା ନେଇ ସେମାନଙ୍କ ବିରୋଧରେ ଥାନାରେ ଏତଲା ଦେଇଥିଲେ। ମାତ୍ର ତାଙ୍କ ଅଭିଯୋଗ ଭିତ୍ତିହୀନ। ସେହିପରି ଚାଷୀମାନେ ଉପଜିଲାପାଳ ରଜନୀକାନ୍ତ ସ୍ୱାଇଁଙ୍କୁ ଭେଟି ସ୍ମାରକପତ୍ର ଦେଇଛନ୍ତି । ଗୋରୁଗୁଡ଼ିକ ଏଣେତେଣେ ବୁଲି ଫସଲ ନଷ୍ଟ କରୁଛନ୍ତି। ତେଣୁ ବୁଲା ଗୋରୁଙ୍କୁ ଧରି କାଞ୍ଜିଆହୁଦାକୁ ପଠାଇବା ସହ ମାଲିକମାନଙ୍କଠାରୁ ଜରିମାନା ଆଦାୟ ପାଇଁ ଚାଷୀମାନେ ଦାବି ଜଣାଇଛନ୍ତି। ଏହି ଅବସରରେ ଆନନ୍ଦ ବାରିକ, ତ୍ରିନାଥ ବାରିକ, ବାଲୁ ପ୍ରଧାନ, ତ୍ରିନାଥ ବେହେରା, ଲକୁ ବେହେରା ପ୍ରମୁଖ ଚାଷୀ ଉପସ୍ଥିତ ଥିଲେ।



ଅଭିଯୋଗ ଜଣାଇବାକୁ ଆସିଥିବା ଚାଷୀମାନେ।

### ସମ୍ଭାବ୍ୟ ବାତ୍ୟାକୁ ନେଇ ପ୍ରଶାସନ ସଜାଗ

ପାରଳାଖେମୁଣ୍ଡି, ୯।୧୦(ସ୍ୱ.ପ୍ର.)

ସମ୍ଭାବ୍ୟ ବାତ୍ୟା 'ତିତ୍‌ଲି'କୁ ନେଇ ଗଜପତି ଜିଲା ପ୍ରଶାସନ ପକ୍ଷରୁ ମଙ୍ଗଳବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ବ୍ଲକସ୍ତରୀୟ ଅଧିକାରୀ ଓ ଲାଇନ୍ ଡିପାର୍ଟମେଣ୍ଟକୁ ସଜାଗ ରହିବା ପାଇଁ ଜିଲା ଜରୁରୀକାଳୀନ ବିଭାଗ ନିର୍ଦ୍ଦେଶ ଦେଇଛି। ବିଦ୍ୟାଳୟଗୁଡ଼ିକୁ ଛୁଟି ରଖାଯିବା ସହ ଆବଶ୍ୟକ ସ୍ଥଳେ ବିପନ୍ନଙ୍କୁ ସେଠାରେ ଥଇଥାନ କରାଯିବାକୁ ନିଷ୍ପତ୍ତି ହୋଇଛି। ଜିଲା ଯୋଗାଣ ବିଭାଗକୁ ପ୍ରଚୁର ପରିମାଣର ଖାଦ୍ୟ ମହଜୁଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଜିଲା ସ୍ୱାସ୍ଥ୍ୟ ବିଭାଗକୁ ମଧ ବିଭିନ୍ନ ଆବଶ୍ୟକୀୟ ଔଷଧ ମହଜୁଦ ରଖିବାକୁ କୁହାଯାଇଛି। ଏ ସମ୍ପର୍କରେ ଜିଲା ଜରୁରୀକାଳୀନ ଅଧିକାରୀ ସତ୍ୟସମ୍ପର୍ଣ୍ଣା ରାଉତ କହିଛନ୍ତି ପୂର୍ବ ପ୍ରସ୍ତୁତି ବୈଠକ ଅନୁଯାୟୀ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ସଜାଗ ରହିବାକୁ କୁହାଯିବା ସହ କାଶୀନଗର ଭଳି ନଦୀକୂଳିଆ ଅଞ୍ଚଳକୁ ଏନ୍‌ଡିଆର୍‌ଏଫ୍ ଟିମ୍ ପଠାଇବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ବ୍ୟବସ୍ଥା କରାଯାଇଛି।

# ହିତାଧିକାରୀଙ୍କୁ ଖାଉଟି କାର୍ଡ ବଣ୍ଟନ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

ମୁନିଗୁଡ଼ା,୯।୧୦(ଡି.ଏନ୍.ଏ.)

ରାୟଗଡା ଜିଲା ମୁନିଗୁଡ଼ା ସରକାରୀ କଲ୍ୟାଣ ମଣ୍ଡପଠାରେ ଖାଦ୍ୟ ସୁରକ୍ଷା ଯୋଜନାରେ ହିତାଧିକାରୀଙ୍କୁ ଖାଉଟି କାର୍ଡ ବଣ୍ଟନ କରାଯାଇଛି । ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦିଲୀପ କୁମାର ବେହେରାଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ବିଷମକଟକ ବିଧାୟକ ଜଗନ୍ନାଥ ସାରକା ମୁଖ୍ୟଅତିଥି ଭାବେ ଯୋଗ ଦେଇ ୨୫୫ ଜଣ ହିତାଧିକାରୀଙ୍କୁ ଖାଉଟି କାର୍ଡ଼ ବଣ୍ଟନ କରିଥିଲେ । ସ୍ୱତନ୍ତ୍ର ଆଦିବାସୀ ଉନ୍ନୟନ ପରିଷଦ ଅଧକ୍ଷ ଜଗନ୍ନାଥ ନୁଣ୍ଡୁକା, ଜିଲାପରିଷଦ ଉପାଧକ୍ଷ ବୀଣାପାଣି ସାହୁକାର, ବ୍ଲକ ଅଧକ୍ଷ ଶ୍ରୀଧର କରଡା, ଉପାଧକ୍ଷା ଧର୍ମିଷ୍ଠା ସାମନ୍ତ, ଜିଲାପରିଷଦ ସଭ୍ୟ ରାମଚନ୍ଦ୍ର ବେହେରା ଓ ଆକାଉଣ୍ଟାଣ୍ଟ ଅଫିସର ବିଜୟ କୁମାର ବେବର୍ତ୍ତା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଆଗାମୀ ଦିନରେ କିପରି ବ୍ଲକର ୧୭ ଗ୍ରାମପଞ୍ଚାୟତରେ ସମସ୍ତ ହିତାଧିକାରୀ ଖାଉଟି କାର୍ଡ ପାଇବେ ସେ ନେଇ ସ୍ୱତନ୍ତ୍ର ଭାବେ ବ୍ଲକ ପ୍ରଶାସନକୁ ଧ୍ୟାନ ଦେବାକୁ ପରାମର୍ଶ ଦିଆଯାଇଥିଲା । ଅନ୍ୟ ହିତାଧିକାରୀମାନଙ୍କୁ ଆଗାମୀ ଦିନରେ ନିଜ ନିଜ ପଞ୍ଚାୟତଗୁଡ଼ିକରେ ଦିଆଯିବ ବୋଲି ଜଣାପଡିଛି । ଉକ୍ତ କାର୍ଯ୍ୟକ୍ରମକୁ ଏମ୍‌ଆଇ ମାନସ ରଞ୍ଜନ ଜେନା, ଜେଇ ଜୟ ପ୍ରକାଶ ନାରାୟଣ ରବି ରାୟ, ରଞ୍ଜିତା ବେହେରା, ପ୍ରଶାନ୍ତି ସାହୁ ପ୍ରମୁଖଙ୍କ ସମେତ ସମସ୍ତ ଜିଆରଏସ୍‌ମାନେ ପରିଚାଳନା ଓ ସହଯୋଗ କରିଥିଲେ।

